ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.85 Bhubaneswar Sunday May 07 2023 | ୨୬ତମ ବର୍ଷ ସଂଖ୍ୟା–୮୫ ଭୁବନେଶ୍ୱର, ରବିବାର, ମଇ ୦୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଝାରସୁଗୁଡାରେ ୪୦% ବୁଥ୍ ସମ୍ବେଦନଶୀଳ: ନିର୍ବାଚନ କମିଶନ

ଭୁବନେଶ୍ୱର,୬।୫(ପି.ଏନ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି । ପ୍ରଥମଥର ପାଇଁ ଝାରସୁଗୁଡା ଉପନିର୍ବାଚନର ସମସ୍ତ ବୁଥରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯିବ ।ଝାରସୁଗୁଡା ବିଧାନସଭା ଉପନିର୍ବାଚନ ସହ ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଏକ ସମୀକ୍ଷା ବୈଠକ କରିଥିଲେ । ଉପନିର୍ବାଚନବେଳେ ସମଗ୍ର ଝାରସୁଗୁଡା ବିଧାନସଭା ମଣ୍ଡଳୀରେ ଆଇନଶୃଙ୍ଖଳା ରକ୍ଷା, ସବୁ ବୁଥକୁ ନିର୍ବାଚନ ପାଇଁ ଭୋଟଗ୍ରହଣ ସାମଗ୍ରୀ ପହଂଚାଇବା, କାଳବୈଶାଖି ଓ ଝଡବାତ୍ୟାର ଆଗୁଆ ଆକଳନ, ଏକଜିଟ୍ ପୋଲ୍ ଉପରେ କଟକଣା,



ଉପନିର୍ବାଚନ ପୂର୍ବ ଓ ପରବର୍ତ୍ତୀ ପ୍ରସ୍ତୁତି, ଷ୍ଟ୍ରଙ୍ଗରୁମ୍ ପ୍ରସ୍ତୁତି ଓ ଏହାର ସୁରକ୍ଷା, ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଣ ନିମନ୍ତେ ପ୍ରସ୍ତୁତି ଇତ୍ୟାଦି ସମ୍ପର୍କରେ ଶ୍ରୀ ଧଳ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ବେଳେ ଲାଇନ୍ କଟିଲା



ବାରିପଦା, ୬।୫(ପି.ଏନ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ବେଳେ ହଠାତ ଲାଇନ ଚାଲିଯାଇଥିବା ଦେଖିବାକୁ ମିଳିଛି । ପାୱାର ଟ୍ରିପ୍ ଯୋଗୁ ଏହି ସମୟରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା କାରଣରୁ ପୂର୍ବାହ୍ନ ୧୧ଟା ୫୬ ମିନିଟରୁ ୧୨ଟା ୫ ମିନିଟ ଯାଏ ଦୀର୍ଘ ୯ ମିନିଟ ପାଇଁ ଲାଇନ୍ କଟିଯାଇଥିଲା। ବିଜୁଳି ନଥିବାରୁ ସାରା ଅଡିଟୋରିୟମ ଅନ୍ଧାର ଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଅନ୍ଧାର ଭିତରେ କିନ୍ତୁ ସେ ନିଜର ଦୀକ୍ଷାନ୍ତ ଭାଷଣ ଜାରି ରଖିଥିଲେ । ଏହି ମାମଲାରେ ବିଶ୍ୱବିଦ୍ୟାଳୟର ବିଦ୍ୟୁତ୍ କର୍ମଚାରୀ ଜୟନ୍ତ ତ୍ରିପାଠୀଙ୍କୁ ନିଲମ୍ବିତ କରାଯାଇଛି । ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଶକ୍ତି ବିଭାଗ ଦୁଃଖ ପ୍ରକାଶ କରିଛି। ସୂଚନା ଓ ଲୋକସଂପର୍କ ବିଭାଗ ମଧ୍ୟ ଏହି ଦୋଷକୁ ସ୍ୱୀକାର କରିଛି ।ସେହିପରି ଏହି ଘଟଣାକୁ ନେଇ କ୍ଷମା ମାଗିଛନ୍ତି କୁଳପତି। ଏଭଳି ତ୍ରୁଟି ପାଇଁ ମୁଁ ନିଜେ ନିଜକୁ ଦାୟୀ କରୁଛି ବୋଲି ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି ସମାରୋହ ଅନୁଷ୍ଠିତ ହେଉଥିବା ବିଲଡିଂ ଇଡକୋ ତିଆରି କରିଥିଲା। ଜେନେରେଟର ବି ସଜାଡ଼ିଥିଲା। ଡେଡିକେଟେଡ ଜେନେରେଟର ଥିଲା। ହେଲେ ସେଇଟା ବି ଠିକ୍ ଲାଇଟ୍ କଟିବା ସମୟରେ କାମ ଦେଲାନି। ଆମକୁ ଏଥିପାଇଁ ଲଜ୍ଜିତ ହେବାକୁ ପଡ଼ିଲା। ସେ ଆହୁରି କହିଛନ୍ତି, 'ମୁଁ ଦାୟିତ୍ୱ ମୁଣ୍ଡରୁ ଖସାଇବା ଲୋକ ନୁହେଁ, ମୁଁ କ୍ଷମାପ୍ରାର୍ଥନା କରୁଛି। ଏହି ତ୍ରୁଟି ସଂପର୍କରେ ନିଶ୍ଚିତ ଭାବେ ଅନୁସନ୍ଧାନ କରାଯିବ। ତଦନ୍ତ ପାଇଁ ୩ ଜଣିଆ କମିଟି ଗଠନ ହୋଇଛି। କମିଟି ରିପୋର୍ଟ ଦାଖଲ ପରେ କାର୍ଯ୍ୟାନୁଷ୍ଠାନ ହେବ।' ଏହି ଘଟଣାର ତଦନ୍ତ କରାଯିବ କହିଲେ କେନ୍ଦ୍ରାଂଚଳ ଆରଡିସି ସୁରେଶ ଦଳାଇ କହିଛନ୍ତି। ଏହି ଘଟଣା କାହିଁକି ଘଟିଲା ଓ ଏଥିପାଇଁ ଦାୟୀ କିଏ ତାହା ଅନୁସନ୍ଧାନ କରାଯିବ। ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଆରଡିସି ସହ ବୈଠକ ପରେ ମୟୂରଭଞ୍ଜ ଜିଲ୍ଲାପାଳ ଭିନିତ୍ ଭରଦ୍ୱାଜ କହିଛନ୍ତି, ଘଟଣାର ତଦନ୍ତ କରାଯିବ। ତେବେ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ଘଟିଛି ।ତେବେ ଏହି ଘଟଣାରେ ନିଜ ଉପରୁ ଦୋଷ ଝାଡ଼ି ଦେଇଛନ୍ତି ବିଦ୍ୟୁତ୍ ଯୋଗାଣ ସଂସ୍ଥା ଟାଟା ପାୱାର କର୍ତ୍ତୃପକ୍ଷ। ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ହରୀଶ କୁମାର ପଣ୍ଡା କହିଛନ୍ତି, ଆମ ଆଡୁ କିଛି ସମସ୍ୟା ନ ଥିଲା। ବିଦ୍ୟୁତ୍ ସେବା ପ୍ରଦାନରେ କୌଣସି ତ୍ରୁଟି ନ ହେବା ପାଇଁ ସବୁ ପଦକ୍ଷେପ ନେଇଥିଲୁ। ଆମ ଆଡୁ କିଛି ସମସ୍ୟା ନଥିଲା। ଇଂଟରନାଲ ୱେୟାରିଂରେ କୌଣସି ସମସ୍ୟା ଯୋଗୁ ଲାଇଟ୍ କଟିଥିବା ସନ୍ଦେହ କରାଯାଉଛି। ତଥାପି ଏହି ଦୁର୍ଭାଗ୍ୟଜନକ ସ୍ଥିତି ଉପୁଜିବା ନେଇ ଅନୁସନ୍ଧାନ ହେବ ।ଏହି ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍, ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ କୁଳପତି ପଙ୍କଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାତିରେ ପ୍ରଚାର କରୁଛନ୍ତି ବିଜେପି ପ୍ରାର୍ଥୀ : ବିଜେଡି

ଭୁବନେଶ୍ୱର, ୬।୫(ପି.ଏନ): ଝାରସୁଗୁଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଘଂନ ଅଭିଯୋଗ ଆଣି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ବିଜେଡି ପ୍ରତିନିଧି ଦଳ। ବିଜେଡି ଅଭିଯୋଗ କରିଛି ଯେ ବିଜେପି ପ୍ରାର୍ଥୀ ରାତି ଅଧରେ ପ୍ରଚାର କରୁଛନ୍ତି। ନିର୍ବାଚନ ଆଚରଣବିଧି ଅନୁସାରେ ରାତି ୧୦ଟା ପରେ ପ୍ରଚାର ମନା । ମାତ୍ର ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଗତକାଲି ରାତି ଗୋଟାଏରୁ ଦୁଇଟା ମଧ୍ୟରେ ଲଳିତ ହେରିଟେଜ ନିକଟ ସାମସଙ୍ଗ ଛକରେ ସହଯୋଗୀଙ୍କ ସହିତ ପ୍ରଚାର କରିଥିଲେ। ଏହି ସମୟରେ ମାଇକ୍ରୋଫୋନ୍ ମଧ୍ୟ ବ୍ୟବହାର କରିଥିଲେ। ଯାହାର ଭିଡିଓ ଫୁଟେଜକୁ ସିଇଓଙ୍କ ନିକଟରେ ଦାଖଲ କରିଛି ବିଜେଡି। ତେଣୁ ଟଙ୍କଧରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସିଇଓଙ୍କୁ ଦାବି କରିଛି ବିଜେଡି।

## ତିନି ଦିନିଆ ମୟୂରଭଞ୍ଜ ଗସ୍ତ ସାରି ଫେରିଲେ ରାଷ୍ଟ୍ରପତି

ବାରିପଦା, ୬।୫(ପି.ଏନ): ତିନି ଦିନିଆ ମୟୂରଭଞ୍ଜ ଗସ୍ତରେ ଥିବା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ତାଙ୍କ ଗସ୍ତ କରି ଶେଷ କରି ଆଜି ଅପରାହ୍ନ ପ୍ରାୟ ୧ଟା ସମୟରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆଜି ତୃତୀୟ ଦିନରେ ରାଷ୍ଟ୍ରପତି ମୁର୍ମୁ ବାରିପଦା ତଖତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦାନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳାଧିପତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମାବର୍ତନ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ଉତ୍ସବ ଶେଷ ପରେ ସେ ବାରିପଦା ହେଲିପ୍ୟାଡରୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତନ କରିଛନ୍ତି । ଏହି ଦୁଇ ଦିନିଆ ଗସ୍ତରେ ସେ ଗତକାଲି ଡାଣ୍ଡବୋଷ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମପୀଠରେ ପହଂଚି ତାଙ୍କ ସମାଧିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାପରେ ଡାଣ୍ଡବୋଷ ଗ୍ରାମକୁ ଯାଇ ସେଠାରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଶିମିଳିପାଳ ଅଭୟାରଣ୍ୟ ପରିଦର୍ଶନରେ କରିଥିଲେ।

## ୯ ତାରିଖରେ ଓଡିଶା ଆସିବେ ବିହାର ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୫(ପି.ଏନ): ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସନ୍ତା ୯ ତାରିଖରେ ଓଡିଶା ଆସିବେ। ଓଡିଶା ଗସ୍ତରେ ଆସି ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ନୀତିଶ ବିଭିନ୍ନ ଅଣ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି। ଏହି କ୍ରମରେ ସେ ନବୀନ ପଟ୍ଟନାୟକଙ୍କୁ ଭେଟିବେ ବୋଲି ଅନୁମାନ କରାଯାଉଛି।

## ଝାରସୁଗୁଡାରେ ଟଙ୍କା ବାଂଟୁଛି ବିଜେଡି : ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର, ୬।୫(ପି.ଏନ): ଝାରସୁଗୁଡା ଉପନିର୍ବାଚନରେ ବିଜୁ ଜନତା ଦଳ ମହିଳା ସରକାରୀ କର୍ମଚାରୀଙ୍କୁ ନିଜ ଦଳର ପ୍ରଚାର କରିବା ସହ ଜନତାଙ୍କୁ ଟଙ୍କା ବାଂଟି ନିର୍ବାଚନ ଆଇନ ଉଲଘଂନ କରୁଛନ୍ତି। ଗତକାଲି ଝାରସୁଗୁଡା ନିର୍ବାଚନ ମଣ୍ଡଳୀର କୋଲାବିରା ବ୍ଲକ ଜିଲ୍ଲାପାଲି ଗ୍ରାମ ପଂଚାୟତର କମ୍ୟୁନିଟି ରିସୋର୍ସ ପର୍ସନ(ସିଆରପି) ଅସ୍ମିତା ନାୟକ, ବିନତା ନାୟକ, ଜେ.ପଣ୍ଡାକିମାଲ ଓ ପୂଜା ପଟେଲ ବିଜୁ ଜନତା ଦଳର ନିର୍ବାଚନୀ ପ୍ରଚାରରେ ସିଧାସଳଖ ଯୋଗ ଦେଇଥିଲେ। ସେହିପରି ସରବାହଲ ୧ନଂ ୱାର୍ଡର ଅଙ୍ଗନୱାଡି ଦିଦି ସୁରୁଚି ପାଢ଼ି ଖୋଲା ଖୋଲି ସୋସିଆଲ ମିଡିଆରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ନାଁରେ ପ୍ରଚାର ପ୍ରସାର କରୁଛନ୍ତି। ଏହା କେବଳ ନିର୍ବାଚନର ଆଚରଣ ବିଧିକୁ ଉଲଘଂନ କରିବା ସହ ଲୋକପ୍ରତିନିଧି ଅଧିନିୟମ ୧୯୫୧ ଅନୁସାରେ ସରକାରୀ ଚାକିରୀ କରିଥିବା କୌଣସି ବ୍ୟକ୍ତି ପ୍ରାର୍ଥୀ ପାଇଁ ପ୍ରଚାର କରିପାରିବେ ନାହିଁ। ସରକାରୀ ଚାକିରିରେ ଥାଇ ସରକାରୀ ତହବିଲରୁ ଟଙ୍କା ନେଇ ବିଜେଡି ଦଳର ପ୍ରଚାର କରୁଥିବାରୁ ଭାରତୀୟ ଜନତା ପାର୍ଟିର ଏକ ପ୍ରତିନିଧି ଦଳ ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ।ସରକାରୀ ଦଳ ସରକାରୀ କର୍ମଚାରୀମାନଙ୍କୁ ନିଜ ଦଳ ସପକ୍ଷରେ ଲଗାଇ ପ୍ରଚାର କରିବା ବିଜେଡିର ଚିରାଚରିତ ଅଭ୍ୟାସ। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ବିଜେପି। ଝାରସୁଗୁଡା ଉପନିର୍ବାଚନ ମୁକ୍ତ, ଅବାଧ, ନିରପେକ୍ଷ ନିର୍ବାଚନ ହେଉ। ଝାରସୁଗୁଡାରେ ସରକାରୀ କଳ, ବଳ ଦ୍ୱାରା ଭୋଟରଙ୍କୁ ପ୍ରଭାବିତ କରିବାକୁ ଅପଚେଷ୍ଟା ଚଳାଇଛି ବିଜୁ ଜନତା ଦଳ। ଝାରସୁଗୁଡାର ମା, ଭଉଣୀମାନେ ବିଜେଡିର ମିଥ୍ୟା, ଫମ୍ପା କଥାରେ ପ୍ରଭାବିତ ନହୋଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଉମାକାନ୍ତ ପଟ୍ଟନାୟକ, ମହିଳାମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକା ଐଶ୍ୱର୍ଯ୍ୟା ବିଶ୍ୱାଳ, ଲିଗାଲ୍ ସେଲ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୧୨ରୁ ପୁଣି ଧାରଣାକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୬।୫(ପି.ଏନ): ରାଜ୍ୟ ସରକାର ଦାବି ପୂରଣ ନକଲେ ଆସନ୍ତା ୧୨ ତାରିଖରୁ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ପ୍ରାଥମିକ ଶିକ୍ଷକ। ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ନେତାଜୀ ଭବନ ଠାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଶିକ୍ଷକ ନେତୃତ୍ୱ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ୟୁନାଇଟେଡ଼ ଏଲିମେଂଟାରୀ ଟିଚରର୍ସ ମହାସଂଘର ଆବାହକ ପ୍ରବୀଣ କୁମାର ଦାସ କହିଛନ୍ତି ଯେ ବାରମ୍ବାର ଦାବି ଓ ଆଲୋଚନା ସତ୍ତ୍ୱେ ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ ହେଉନାହିଁ। ସର୍ବନିମ୍ନ ଗ୍ରେଡ ପେ ୨୨୦୦ ଟଙ୍କାରୁ ବୃଦ୍ଧି , ଏଣୁ ୨୦୧୯ କ୍ୟାଡ଼ର ରୁଲ ସଂଶୋଧନ କରି ଆବଶ୍ୟକୀୟ ଯୋଗ୍ୟତାକୁ ହାଇୟର ସେକେଣ୍ଡାରୀ (+୨) ସି.ଟି/ ଗ୍ରାଜୁଏଟ ସି.ଟି ବା ବି.ଏଡ୍ କରି ତଦନୁଯାୟୀ ୨୦୧୭ ମସିହା ଠାରୁ ଏଂଟ୍ରି ଲେଭୁଲରେ ଗ୍ରେଡ଼ ପେ ୨୮୦୦ ଟଙ୍କା ହିସାବରେ ପ୍ରଦାନ କରିବାକୁ ଦାବି କରିଛି ସଂଘ।

## କୁଚିଣ୍ଡାରେ ଶିକ୍ଷକଙ୍କୁ ଗଳାକାଟି ହତ୍ୟା

ସମ୍ବଲପୁର , ୬।୫(ପି.ଏନ): ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ଖର୍ଲା ବାଇପାସ୍ ବ୍ରିଜ୍ ନିକଟରେ ଆଜି ସକାଳେ ଜଣେ ଶିକ୍ଷକଙ୍କ ମୃତଦେହ ମିଳିଛି । ତାଙ୍କୁ କେହି ଦୁର୍ବୃତ୍ତ ଗଳାକାଟି ହତ୍ୟା କରିଥିବାର ସନ୍ଦେହ କରାଯାଉଛି। ରକ୍ତଜୁଡୁବୁଡୁ ଅବସ୍ଥାରେ ଶିକ୍ଷକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ କୁଚିଣ୍ଡା ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।ତେବେ ଏହି ହତ୍ୟା ପଛରେ କିଏ ରହିଛି ସେ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ସମ୍ବଲପୁରରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଶବ ବ୍ୟବଚ୍ଛେଦ ଲାଗି ଡାକ୍ତରଖାନାକୁ ପଠାଯିବ ବୋଲି ସୂଚନା ମିଳିଛି।

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୬।୫(ପି.ଏନ): ଆଜି ସକାଳ ୮.୩୦ରେ ଦକ୍ଷିଣପୂର୍ବ ବଙ୍ଗୋପସାଗର ଏବଂ ଆଖପାଖ ଅଂଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହି ଘୂର୍ଣ୍ଣି ବଳୟ ପ୍ରଭାବରେ ସେହି ଅଂଚଳରେ ୮ ତାରିଖ ସକାଳ ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୯ ତାରିଖ ସକାଳ ଆଡ଼କୁ ସେହି ଲଘୁଚାପ କ୍ଷେତ୍ରଟି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅପରପକ୍ଷରେ ରାଜ୍ୟରେ କାଳବୈଶାଖୀର ପ୍ରଭାବ କମିବା ସହ ଧିରେ ଧିରେ ତାପମାତ୍ରା ବୃଦ୍ଧି ପାଇବ। ଆଗାମୀ ୪ ରୁ ୫ ଦିନ ମଧ୍ୟରେ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ।୮ ତାରିଖରୁ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ।

## ଆସନ୍ତାକାଲି ଝାରସୁଗୁଡାରେ ନବୀନଙ୍କ ସଭା, ଧର୍ମେନ୍ଦ୍ରଙ୍କ ରୋଡ୍ ଶୋ'

ଭୁବନେଶ୍ୱର,୬।୫(ପି.ଏନ): ଝାରସୁଗୁଡା ଉପନିର୍ବାଚନ ପ୍ରଚାର ମଇଦାନରେ ଆସନ୍ତାକାଲି ରବିବାର ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁହାଁମୁହିଁ ହେବେ । ଝାରସୁଗୁଡା ଉପନିର୍ବାଚନ ପାଇଁ ପ୍ରଚାର ସୋମବାର ସନ୍ଧ୍ୟାରେ ଶେଷ ହେଉଥିବାରୁ ଆସନ୍ତାକାଲି ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ସପକ୍ଷରେ ପ୍ରଚାର ପାଇଁ ନବୀନ ଝାରସୁଗୁଡା ଯିବେ । ସେହିପରି ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ସପକ୍ଷରେ ପ୍ରଚାର ପାଇଁ ଧର୍ମେନ୍ଦ୍ର ଆସନ୍ତାକାଲି ସକାଳେ ଜନସଭାକୁ ସମ୍ବୋଧିତ କରିବା ସହ ଅପରାହ୍ନରେ ରୋଡ୍ ଶୋ' କରିବେ ବୋଲି ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରବିବାର ଅପରାହ୍ନରେ ଝାରସୁଗୁଡାର ସର୍କିଟ ହାଉସ୍ ପଡିଆଠାରେ ଏକ ଜନସଭାକୁ



ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ନବୀନ ଅପରାହ୍ନ ୩ଟା ୩୫ମିନିଟରେ ଭୁବନେଶ୍ୱରରୁ ସ୍ୱତନ୍ତ୍ର ବିମାନରେ ଯିବେ । ଝାରସୁଗୁଡା ବିମାନ ବନ୍ଦର ନିକଟରେ ସର୍କିଟ ହାଉସ ପଡିଆରେ ଏକ ଜନସଭାରେ ୪ଟା ୩୦ରୁ ୫ଟା ୧୫ମିନିଟ୍ ପର୍ଯ୍ୟନ୍ତ ରହିବେ । ସନ୍ଧ୍ୟା ୬ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବାର କାର୍ଯ୍ୟକ୍ରମ ରହିଛି । ନବୀନ ମାତ୍ର ଗୋଟିଏ ଜନସଭାରେ ଉପସ୍ଥିତ ରହିବେ । ଝାରସୁଗୁଡା ପୌରାଂଚଳ ଓ ଝାରସୁଗୁଡା ବ୍ଲକର ଦଳୀୟ ସମର୍ଥକମାନଙ୍କୁ ଏହି ଜନସଭାରେ ସାମିଲ ହେବେ । ଝାରସୁଗୁଡା ନିର୍ବାଚନମଣ୍ଡଳୀର ଅନ୍ୟ ୩ଟି ବ୍ଲକରେ ଏଲଇଡି ମାଧ୍ୟମରେ ନବୀନଙ୍କ ଜନସଭା କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ ହେବ ବୋଲି ଜଣାପଡିଛି ।

## ଉପନିର୍ବାଚନ ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୬।୫(ପି.ଏନ): ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ସହ ସଂପୃକ୍ତ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଭିଡ଼ିଓ କନ୍‌ଫେରେନ୍ସ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରାଇଛନ୍ତି। ବିଶେଷ କରି ଉପନିର୍ବାଚନବେଳେ ସମଗ୍ର ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ଆଇନ୍ ଶୃଙ୍ଖଳା ରକ୍ଷା, ନିର୍ବାଚନ ମଣ୍ଡଳୀର ସବୁ ବୁଥ୍ କୁ ନିର୍ବାଚନ ପାଇଁ ଭୋଟ ଗ୍ରହଣ ସାମଗ୍ରୀର ସୁବଂଟନ, କାଳବୈଶାଖୀ ଝଡ଼ବାତ୍ୟାର ଆଗୁଆ ଆକଳନ, ଏକଜିଟ୍ ପୋଲ ଉପରେ ରୋକ୍, ଉପନିର୍ବାଚନ ପୂର୍ବ ଓ ପରବର୍ତ୍ତୀ ପ୍ରସ୍ତୁତି ଯଥା– ଷ୍ଟ୍ରଙ୍ଗ୍ ରୁମ୍ ପ୍ରସ୍ତୁତି ଓ ଏହାର ସୁରକ୍ଷା, ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଣ ନିମନ୍ତେ ପ୍ରସ୍ତୁତି ଇତ୍ୟାଦି ସଂପର୍କରେ ବିସ୍ତୃତ ଭାବରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସଂପୃକ୍ତ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଆଭାସୀ ବୈଠକରେ ଉପନିର୍ବାଚନ ନିମନ୍ତେ ନିଯୁକ୍ତି ହୋଇଥିବା ସାଧାରଣ ପର୍ଯ୍ୟବେକ୍ଷକ ଦେବକ୍ରିଷ୍ଣା ତିୱାରୀ , ପୁଲିସ ପର୍ଯ୍ୟବେକ୍ଷକ ହମିଦ୍ ଅଖତାର , ଖର୍ଚ୍ଚ ପର୍ଯ୍ୟବେକ୍ଷକ ରବିରାଜ ସାହୁରାଜ ଖୋଗରେ , ରାଜ୍ୟ ଆଇନଶୃଙ୍ଖଳା ଆଇ.ଜି ପ୍ରବୀଣ କୁମାର , ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ଏସ୍. ନରୱାଣେ ଓ ଆରକ୍ଷୀ ଅଧୀକ୍ଷକ ସ୍ମିଥ୍ ପି. ପୁରୁଷୋତମଦାସ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ଓ ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଁ ଓଡିଶାର ଜ୍ୱାଇଁ: ପ୍ରଧାନ ବିଚାରପତି

କଟକ,୬।୫(ପି.ଏନ): ବହୁ ସମୟରେ କଟକ ଓ ଭୁବନେଶ୍ୱର ଆସେ। କାହିଁକି ନାଁ ମୁଁ ଓଡିଶାର ଜ୍ୱାଇଁ। ମୋ ପତ୍ନୀ ଜଣେ ଓଡିଆ। କଟକରେ ଆଜିଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ଡିଜିଟାଇଜେସନ, ପେପରଲେସ କୋର୍ଟ୍ସ ଏବଂ ଇ –ଇନିସିୟେଟିଭ ସମ୍ପର୍କିତ ଜାତୀୟ ସମ୍ମିଳନୀରେ ଏହା କହିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଧନଞ୍ଜୟ ୱାଇ ଚନ୍ଦ୍ରଚୁଡ। ଓଡିଶା ଜୁଡ଼ିସିଆଲ ଏକାଡେମୀ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଉତ୍ସବକୁ ସେ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ସେ ସମ୍ମିଳନୀରେ ନିଜର ଅଭିଭାଷଣ ରଖି କହିଥିଲେ ଯେ, ପେପରଲେସ କୋର୍ଟ ଲାଗୁ କରିବାରେ ଓଡିଶାରେ ପ୍ରଶଂସନୀୟ କାର୍ଯ୍ୟ ହୋଇଛି। ସାରା ଦେଶରେ ଏଭଳି ବ୍ୟବସ୍ଥା ଲାଗୁ କରିବା ଲାଗି ସୁପ୍ରିମକୋର୍ଟ ଲକ୍ଷ୍ୟ ରଖିଛନ୍ତି। ଏଥିନିମନ୍ତେ କେନ୍ଦ୍ର ସରକାର ତୃତୀୟ ପର୍ଯ୍ୟାୟରେ ୨୦୨୩–୨୭ ଭିତରେ ୭ ହଜାର ୨୧୦ କୋଟି ଟଙ୍କା ଖର୍ଚ୍ଚ ଅନୁମୋଦନ କରିଛନ୍ତି। ଲୋକଙ୍କ ପାଖରେ କିପରି ସହଜରେ ନ୍ୟାୟ ବ୍ୟବସ୍ଥା ପହଞ୍ଚି ପାରିବ ଓ ସେମାନଙ୍କୁ



ନ୍ୟାୟ ମିଳିବ ଏହାହିଁ ପଦକ୍ଷେପର ମୂଳ ଲକ୍ଷ୍ୟ। ତେଣୁ ପ୍ରତ୍ୟେକ ଟଙ୍କାଟିଏ ଖର୍ଚ୍ଚର ଉଚିତ୍ ବିନିଯୋଗ ହେବା ଉଚିତ୍। ଇ–କୋର୍ଟ ପଦକ୍ଷେପକୁ ସଫଳ କରିବାରେ ଓଡିଶା, କେରଳ ଏବଂ ମଧ୍ୟପ୍ରଦେଶ ସରକାର ଯେପରି ସହାୟତା ଦେଇଛନ୍ତି, ତାହା ଅନ୍ୟ ରାଜ୍ୟରେ ହେଉନାହିଁ। ଓଡିଶାର ପ୍ରାୟ ୨୦ ଜିଲ୍ଲାରେ ଏକ ଭର୍ଚ୍ୟୁଆଲ କୋର୍ଟ ଚାଲିପାରୁଛି। ଫଳରେ ଓକିଲ ଓ ମୁଦାଲା ସମସ୍ତଙ୍କୁ ସୁବିଧା ହେଉଛି। ଆଇନ ଅଦାଲତଗୁଡିକର ସମସ୍ତ ରେକର୍ଡକୁ ଡିଜିଟାଲାଇଜ କରିବା ଲାଗି ଗତ କେଇ ବର୍ଷ ହେଲା ପ୍ରୟାସ ଜାରି ରହିଛି। କିନ୍ତୁ ପେପରଲେସ କୋର୍ଟ କାର୍ଯ୍ୟ କରିବାକୁ ଯେଉଁ ପଦକ୍ଷେପ ନିଆଯାଇଛି, ସେଥିରେ ସେତେଟା ସଫଳତା ମିଳିପାରିନାହିଁ। କାରଣ ଇ–କୋର୍ଟ ବ୍ୟବସ୍ଥା ପାଇଁ ଆବଶ୍ୟକୀୟ ଅର୍ଥରାଶିର ଅଭାବ ରହୁଛି। ଯୁଗପୋଯୋଗୀ ପଦକ୍ଷେପ ନେବାଲାଗି ସମସ୍ତ ରାଜ୍ୟମାନେ ତ୍ୱରିତ ବେଗରେ ପଦକ୍ଷେପ ନେବା ଉଚିତ। ସେହିପରି ୟୁଟ୍ୟୁବ ଜରିଆରେ ଅଦାଲତି କାର୍ଯ୍ୟର ଯେଉଁ ଲାଇଭଷ୍ଟ୍ରିମିଂ ହେଉଛି, ତାକୁ ସାମାଜିକ ଗଣମାଧ୍ୟମରେ କିପରି ଅପବ୍ୟବହାର କରାନଯିବ ତାହା ଉପରେ ଗୁରୁତ୍ୱାରୋପ କରିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୁଡ।

## ମାଲକାନଗିରି ଜିଲ୍ଲାରେ ଡାକ୍ତର ମରୁଡ଼ି, ଗୁଣିଆ କରୁଛନ୍ତି ଚିକିତ୍ସା

ମାଲକାନଗିରି, ୬।୫(ପି.ଏନ): ଗଛମୂଳେ ଲୋକେ ବସିଛନ୍ତି, ଗୁଣିଆ ମନ୍ତ୍ର ପାଠ କରି ଚେର ମୂଳି ଦେଉଛି । ଏମିତି ଦୃଶ୍ୟ ଦେଖିବା ପରେ ଆପଣ ବି କହିବେ ଆଜିକା ସମୟରେ ଗୁଣିଗାରେଡି ଉପରେ ଲୋକେ ବିଶ୍ୱାସ କରୁଛନ୍ତି କିପରି। ଦେହ ଖରାପ ହେଲେ ଲୋକେ ମେଡିକାଲ ଯିବେ । ହେଲେ ଏଇଠି ଏମିତି କିଛି ହେଉନି । ବରଂ ଚିକିତ୍ସା ସେବା ନପାଇ ଜୀବନ ବଂଚାଇବାକୁ ଗୁଣିଆ ପାଖକୁ ଯିବାକୁ ପଡୁଛି ବୋଲି କହୁଛନ୍ତି ଲୋକେ । ନାହିଁ ନାହିଁରେ ଚାଲିଛି ସ୍ୱାସ୍ଥ୍ୟସେବା । ମେଡିକାଲରେ ଚିକିତ୍ସା ସେବା ନପାଇବାରୁ ବାଧ୍ୟ ହୋଇ ଗୁଣିଆ ପାଖକୁ ଧାଉଁଛନ୍ତି ଲୋକେ । ଯାହା ଦେଖିଲେ ଜଣାପଡୁଛି, ମାଲକାନଗିରି ଜିଲ୍ଲାରେ ଭୁଶୁଡି ପଡିଲାଣି ସ୍ୱାସ୍ଥ୍ୟସେବା ।ଜିଲ୍ଲାରେ ୬୦ ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲିଥିବା ବେଳେ ସଦର ମହକୁମା ଚିକିତ୍ସାଳୟରେ ୭୦ ପ୍ରତିଶତ ଡାକ୍ତର ନାହାନ୍ତି । ୫ଟି ବିଭାଗରେ ଜଣେ ମାତ୍ର ବିଶେଷଜ୍ଞ ଡାକ୍ତର ନଥିବା ବେଳେ କିଛି ବିଭାଗରେ ଜଣିଏ ଲେଖାଏଁ ବିଶେଷଜ୍ଞ ଅଛନ୍ତି । ସ୍ଥିତି ଏମିତି ହେଲାଣି ଯେ, ମେଡିକାଲରେ ଚିକିତ୍ସା ନପାଇବାରୁ ମାଲକାନଗିରି ପଡିଆ ବ୍ଲକ ନିଲିଗୁଡା ପଂଚାୟତର କୁମ୍ଭଗୁଡା ଗାଁର ଲୋକେ ଗୁଣିଆ ପାଖରେ ବସି କରୁଛନ୍ତି ଚିକିତ୍ସା । ଦୀର୍ଘଦିନ ହେବ ଜ୍ୱରରେ ପଡିବା ପରେ ମେଡିକାଲ ନଯାଇ ଗୁଣିଆ ପାଖରେ କରୁଛନ୍ତି ଚିକିତ୍ସା । କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁହେଁ ବରଂ ଧର୍ମପାଲୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବି ସମାନ ଅବସ୍ଥା । ସେଇଠି ରୋଗୀଙ୍କ ଚିକିତ୍ସା କରୁଛନ୍ତି ଫାର୍ମାସିଷ୍ଟ । ଯଦିଓ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି କରାଯାଇଛି, ହେଲେ ସେ ଯଦି ଛୁଟିରେ ରହିଲେ ତେବେ ଫାର୍ମାସିଷ୍ଟ ଲୋକଙ୍କ ସାହାଭରସା । ପୂରା ଜିଲ୍ଲାରେ ଏବେ ଡାକ୍ତର ମରୁଡି । ମୁଖ୍ୟ ଚିକିତ୍ସାଳୟରେ ୧୦୯ ଟି ଡାକ୍ତର ପଦବୀ ରହିଥିବା ବେଳେ ମାତ୍ର ୩୩ ଜଣ ଅଛନ୍ତି । ଜିଲ୍ଲାରେ ମୋଟ୍ ୨୭୭ ଜଣ ଡାକ୍ତର ପଦବୀ ଥିବା ବେଳେ ଅଛନ୍ତି ମାତ୍ର ୧୦୯ । ଅଧିକାଂଶ ବିଭାଗରେ ଡାକ୍ତର ନାହାନ୍ତି । ତେଣୁ ନାହିଁନଥିବାର ଅସୁବିଧାର ସାମ୍ନା କରୁଛନ୍ତି ଲୋକେ । ମୋଟ୍ ଉପରେ ଚିକିତ୍ସା କ୍ଷେତ୍ରରେ ଅନେକ ଅସୁବିଧାର ସାମ୍ନା କରୁଛନ୍ତି ଲୋକେ । ତେଣୁ ଯାହାଙ୍କ ପାଖରେ ପଇସା ଅଛି ସେମାନେ ଘରୋଇ ମେଡିକାଲ ଯାଇ ଚିକିତ୍ସିତ ହେଉଛନ୍ତି ଆଉ ଗରିବମାନେ ଗୁଣିଆ ଭରସାରେ ବଞ୍ଚୁଛନ୍ତି । ସେପଟେ ପୂରା ଘଟଣାକୁ ସ୍ୱୀକାର କରିବା ସହିତ ଚିକିତ୍ସା ଅସୁବିଧା ହେଉଥିବା କହିଛନ୍ତି ସ୍ୱାସ୍ଥ୍ୟ କର୍ମଚାରୀ । ସିଡିଏମଓ କହୁଛନ୍ତି, କିଛି ଡାକ୍ତର ପିଜି କରିବାକୁ ଯାଇଥିବାରୁ ସ୍ୱାସ୍ଥ୍ୟସେବାରେ ବ୍ୟାଘାତ ସୃଷ୍ଟି ହେଉଛି । ସ୍ୱାସ୍ଥ୍ୟ ସେବାକୁ ସୁଧାରିବାକୁ ଆମେ ଚେଷ୍ଟା କରୁଛୁ ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେ୍ନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେ୍ନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ମଇ ୦୭



## ବିଶ୍ୱ ଗୁରୁ : ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତାବହ



ଅନସୂୟା ମହାପାତ୍ର

'ବିଶ୍ୱଗୁରୁ' ଶ୍ରୀରବୀନ୍ଦ୍ରନାଥ ଟାଗୋର ଭାରତୀୟ ସାହିତ୍ୟ ଜଗତରେ ଜନୈକ ଅମ୍ଳାନ ପ୍ରତିଭା ।ଆମର ଜାତୀୟ ସଙ୍ଗୀତ 'ଜନଗଣମନାଧିନାୟକ ', ବାଂଲାଦେଶ ର ଜାତୀୟ ସଙ୍ଗୀତ' ଆମାର ସୋନାର ବାଂଲା' ର ରଚୟିତା ଏବଂ ବଙ୍କିମ ଚନ୍ଦ୍ରଙ୍କ 'ବନ୍ଦେ ମାତରଂ ର ଧୂନ୍ ଦେଇଥିବା ଏହି ପ୍ରଥିତଯଶା ଭାରତ ତଥା ଏସିଆ ଭୂଖଣ୍ଡ ରେ ପ୍ରଥମ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିଲେ। ନିଜର ବ୍ୟକ୍ତିଗତ ଚରିତ୍ରରେ ନିଷ୍ଠା, ତ୍ୟାଗ, ନିଃସ୍ୱାର୍ଥ ମନୋଭାବ, ସାଧୁତା ଓ ନିରଳସ କର୍ମସାଧନାକୁ ନେଇ ଏକ ସଫଳ ଓ ସ୍ୱୟଂ ସମ୍ପୂର୍ଣ୍ଣ ମଣିଷର ଭୂମିକା ନେଇ ବିଶ୍ୱବକ୍ଷରେ ଦଣ୍ଡାୟମାନ। ଭାରତରେ ଜନ୍ମିତ ଏହି ମହାନ୍ ସାରସ୍ୱତ ସାଧକ ଏକାଧାରରେ କବି, ଲେଖକ, ଗାଳ୍ପିକ, ସମାଲୋଚକ,ଶିଶୁ ସାହିତ୍ୟିକ,ପ୍ରାବନ୍ଧିକ, ଔପନ୍ୟାସିକ, ନାଟ୍ୟକାର, ସଂସ୍କୃତିପ୍ରେମୀ, ପରିବେଶ ଚିନ୍ତକ , ସମାଜ ସଂସ୍କାରକ ଓ ମାନବପ୍ରେମୀ ଥିଲେ। ତାଙ୍କ ଜୀବନ ଓ ସାହିତ୍ୟରେ ଥିଲା ବିଶ୍ୱପ୍ରେମ ଓ ବିଶ୍ୱ ମାନବିକତାର ମହନୀୟ ବାର୍ତ୍ତା । ମହା ଉପନିଷଦ୍ ଓ ସନାତନ ଧର୍ମର ଯେଉଁ ମୌଳିକ ଉଦାରତା 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍' ସମଗ୍ର ବସୁଧା ଆମ ପରିବାର ' ପଏହାର ସେ ଥିଲେ ବାସ୍ତବ ପ୍ରୟୋଗ କର୍ତ୍ତା।

୧୮୬୧, ମେ' ମାସ ୭ତାରିଖରେ ପଶ୍ଚିମବଙ୍ଗର ଯୋଡାଶଂଖର ଏକ ଜମିଦାର ପରିବାର ରେ ଜନ୍ମ ହୋଇଥିଲେ ରବୀନ୍ଦ୍ର ନାଥ ଟାଗୋର। ପିତା ଥିଲେ ଦେବେନ୍ଦ୍ରନାଥ ଓ ମାତା ଥିଲେ ଶାରଦା ଦେବୀ। ତାଙ୍କ କାବ୍ୟାକୃତି ମଧ୍ୟରେ ୧୪୧ ଟି ପୁସ୍ତକ ୨୭ଖଣ୍ଡରେ ପ୍ରକାଶିତ, ୧୫ଟି କାବ୍ୟ ସଙ୍କଳନ , ୧୨୦୦୦କବିତା, ୧୧ଟି ଗୀତ ସଙ୍କଳନ, ୪୭ଖଣ୍ଡ ନାଟକ, ୩୪ଟି ନିବନ୍ଧ, ୬ଟି ଯାତ୍ରା ଓ ୩ଟି ଆତ୍ମକଥା ରହିଥିବାର ଜଣାଯାଏ । 'ଯଦି ତୋର ଡାକ ଶୁନେ କେଉ ନା ଆସେ, ତବେ ଏକଲା ଚଲୋରେ 'ଏତାଦୃଶ ସଂଜୀବନୀ ମନ୍ତ୍ର ଶୁଣାଇଥିବା ଏହି କ୍ରାନ୍ତିକାରୀ ଜନନାୟକ ମାନବ ଜାତି ନିକଟର ହୋଇଥିଲେ ପ୍ରେରଣାର ଉତ୍ସ।

ରବୀନ୍ଦ୍ରନାଥ ବିଶ୍ୱରେ ମାନବତ୍ୱର ଉତ୍କର୍ଷତା ପ୍ରତିପାଦନ ନିମନ୍ତେ ଶିକ୍ଷାର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାହାକୁ ବୁଝିଥିଲେ। ତେଣୁ ସମସାମୟିକ ଶିକ୍ଷା ପଦ୍ଧତି କୁ ଅନୁଶୀଳନ କରି ନେଇଥିଲେ ଯୁଗାନ୍ତକାରୀ ପଦକ୍ଷେପ ଓ ଫଳ ସ୍ୱରୂପ ସିଂହଭୂମ ଜିଲ୍ଲାର ଭୋଲ୍ଲୁର ଠାରେ ପ୍ରତିଷ୍ଠା କଲେ 'ଶାନ୍ତିନି କେତନ ' ନାମକ ଶିକ୍ଷାନୁଷ୍ଠାନ, ଯାହା ବର୍ତ୍ତମାନ 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ' ନାମରେ ପରିଚିତ। ଶାନ୍ତିନିକେତନ ଥିଲା ପୁରାତନ ଗୁରୁକୂଳ ଆଶ୍ରମର ପ୍ରତିଛବି। ତାଙ୍କ ମତରେ , ଉନ୍ନତ ଶିକ୍ଷା ହିଁ କେବଳ ମଣିଷ ର ହୃଦୟ ସହ ହୃଦୟ କୁ ଯୋଡିବା ସହିତ ତା'ମଧ୍ୟରେ ଉଦାର ଭାବ ଉଦ୍‌ରେକ କରି ଜୀବନର ଉତ୍ତରଣ ଘଟାଏ। ଭାରତୀୟ ବୈଦିକ ତଥା ଉପନିଷଦୀୟ ସଂସ୍କୃତି ସହିତ ପାଶ୍ଚାତ୍ୟ ସଂସ୍କୃତି ର ସମନ୍ୱୟ ସଂଘଟିତ ହୋଇ ଏକତ୍ର ଶିକ୍ଷା ପ୍ରଦତ୍ତ ହେଲେ ବିଶ୍ୱମାନବ ସମାଜର ଆଶାନୁରୂପ ଉନ୍ନତି ଓ ପ୍ରଗତି ସାଧିତ ହେବ। ଏହାକୁ ସେ ସାକାର କରିଥଲେ ଶାନ୍ତିନିକେତନ ମାଧ୍ୟମରେ। ଆନ୍ତର୍ଜାତୀୟ ସଂସ୍କୃତି ସଂଲଗ୍ନ ଏକ ମୁକ୍ତ ବିଶ୍ୱବିଦ୍ୟାଳୟର ଦ୍ୱାର ବିଶ୍ୱର ପ୍ରତ୍ୟେକ ବିଦ୍ୟାର୍ଥୀ ଙ୍କ ପାଇଁ ଉନ୍ମୁକ୍ତ ଥିଲା। ସମଗ୍ର ବିଶ୍ୱରେ ୧୯୪୮ମସିହାରୁ ଡିସେମ୍ବର ୧୦ତାରିଖ ବିଶ୍ୱମାନବିକ ଦିବସ ପାଳନ ହେଉଅଛି, ମାତ୍ର ତାର ବହୁବର୍ଷ ପୂର୍ବରୁ ଟାଗୋର ଆନ୍ତର୍ଜାତୀୟ ମାନବୀୟ ମୂଲ୍ୟବୋଧର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜାତି ଧର୍ମ ବର୍ଣ୍ଣ ଲିଙ୍ଗ ନିର୍ବିଶେଷରେ ଶାନ୍ତିନିକେତନ ହୋଇଥଲା ବିଦ୍ୟାର୍ଥୀ ଶେଷାଶ୍ରୟ। ବିଶ୍ୱ ଶୁଣିଥିଲା ' ଯତ୍ର ବିଶ୍ୱ ଭବତି ଏକମ୍ ନୀଡମ୍'ର ଜୟ ଧ୍ୱନୀ। ଏକ କଠୋର ନୀତି ଓ ଅନୁଶାସନ କୁ ନେଇ କାରାଗାରରେ ଥିବା କଏଦୀ ସଦୃଶ ସମାଜ ବା ଶିକ୍ଷାକୁ ସେ ଘୋର ବିରୋଧ କରୁଥିଲେ। ଆଜି ହୁଏତ ୨୦୨୦ର ଶିକ୍ଷା ନୀତି ରେ ପୂର୍ବର ନୀତି ପରିବର୍ତ୍ତିତ ହେବାର ଆମ ସରକାର ଉପଲବ୍ଧି କରି ପ୍ରୟୋଗାତ୍ମକ ଦିଗ ପ୍ରତି ସଚେତନ ହେଲେଣି । ଉଦାର ଚେତା ଟାଗୋର ସମାଜ ର ଅର୍ଦ୍ଧ ?କ ଅଂଶ ନାରୀ ଶକ୍ତି ର ଉତ୍ଥାନ ଓ ସଶକ୍ତିକରଣର ସେ ଥିଲେ ସପକ୍ଷବାଦୀ। ତତ୍କାଳୀନ ଭାରତର ସମାଜରୁ କୁତ୍ସିତ ନାରୀ ସମ୍ପର୍କିତ ବାଲ୍ୟ ବିବାହ, ଯୌତୁକ ପ୍ରଥା, ପ୍ରଥା ଓ ଦେବଦାସୀ ପ୍ରଥା ବିଲୋପ ନିମନ୍ତେ ଲେଖନୀ ଚାଳନା କରିଥଲେ। ୧୯୧୩ରେ ପ୍ରାପ୍ତ ନୋବେଲ ପୁରସ୍କାର ର ଅର୍ଥରାଶି କୁ ଶାନ୍ତିନି କେତନର ଉନ୍ନତି ରେ ଲଗାଇଦେବା , 'ନାଇଟ' ଉପାଧି ତ୍ୟାଗ ରେ ତାଙ୍କ ତ୍ୟାଗ ଭାବ ଜଣାଯାଏ। ତାଙ୍କର ସ୍ୱଦେଶ ପ୍ରୀତି ବିଶ୍ୱମାନବ ପ୍ରୀତି ଓତଃପ୍ରୋତଭାବେ ଜଡ଼ିତ ଥିଲା। ସାଧାରଣ ଜନତାର ଅସହାୟତା, ନିର୍ଯାତନା କୁ ଦୂର କରିବାକୁ ସେ ପ୍ରୟାସ ଜାରି ରଖିଥିଲେ। 'ମାନବ ସେବା ହିଁ ମାଧବ ସେବା ' । ଦୁଃଖାଭିଭୂତ ହୃଦୟରେ ସେ , ଲେଖିଥିଲେ, 'ହେ ମୋର ଦୁର୍ଭାଗାଦେଶ ଯା ଦେର କରେଛ ଅପମାନ, ଅପମାନେ ହତ ହବେ ତାହା ଦେର ସବେର ସମାନ,ମାନୁଷେର ଅଧିକାର ବଞ୍ଚିତ କରେଚ୍ଛ ଯାରେ, ସମ୍ମୁଖେ ଦାଁ ଦାୟେ ତବୁ କୋଲେ ଦାଓନାଇ ସ୍ଥାନ୍ '। ବିଶ୍ୱବାସୀଙ୍କୁ ଜାଗ୍ରତ କରିବାକୁ ସେ ଯେଉଁ ନିଜକୁ ଆହ୍ୱାନ ଦେଇ ଥିଲେ ତାର ଅନୁବାଦ ଏପରି କୁହାଯାଇପାରେ, 'ତୁ ଜାଗିଉଠ, କେଉଁଠି ନିଆଁ ଲାଗିଛି ଦେଖ। କେଉଁ କ୍ରନ୍ଦନର ଧ୍ୱନୀ ସାରା ଆକାଶକୁ ବିଚଳିତ କରୁଛି, କେଉଁଠି ଅନ୍ଧ କାରାଗାରରେ ବନ୍ଧନଯୁକ୍ତା ଅସହାୟ ନାରୀଟି ସାହାଯ୍ୟ ମାଗୁଛି, ଦୁର୍ବଳର ଛାତି ଉପରେ ଚଢ଼ି ବଳୁଆ ଶୟତାନ ଟି ରକ୍ତ ଶୋଷଣ କରୁଛି''। କାବ୍ୟ ସାଧନାରେ ମୁକ୍ତି ପଆନନ୍ଦ ପମାନବ ବାଦର ଏହିପରି ତ୍ରିବିଧ ଧାରା କୁ ଧରଣୀରେ ବୁହାଇଛନ୍ତି। ତାଙ୍କ ମତରେ ସାହିତ୍ୟରେ ପ୍ରକାଶିତ ମଣିଷର ସୁଖ, ଦୁଃଖ ଓ ଆବେଗ ଗୁଡିକ ହିଁ ବିଶ୍ୱରେ ମଣିଷ ମଧ୍ୟରେ ସମ୍ପର୍କର ସେତୁ ଯୋଡ଼ିଥାଏ। ଆଜି ଦେଶର ସରକାର ୨୦୨୨, ଏପ୨୦ସମ୍ମିଳନୀ ରେ ଯୋଗ ଦେଇ ଆନ୍ତର୍ଜାତୀୟ ଭାବ ଉଦ୍‌ରେକ କରି ବସୁଧୈବ କୁଟୁମ୍ବକମ୍ ନୀତି କୁ ଆପନଣେଇଛନ୍ତି । ଜୀବ ମାତ୍ରରେ ଏକତ୍ୱ ଦର୍ଶନ କରୁଛନ୍ତି। 'ଏକ ପୃଥିବୀ ଏକ ପରିବାର 'ର ଘୋଷଣା କରିଛନ୍ତି। ବିଶ୍ୱକବିଙ୍କ ସେଇ ଶବ୍ଦ ମନେପକାଇ ଦେଉଛି, ଯଦି ସମୁଦ୍ର ଏ କ, ତାର ଜଳ ବିନ୍ଦୁ ତାଠାରୁ ପୃଥକ ନୁହେଁ, ତେଣୁ ବିଶ୍ୱକର୍ତ୍ତାଙ୍କ ସନ୍ତାନମାନଙ୍କ ମଧ୍ୟରେ କିପରି ଅସମାନତା ରହିବ! ତାଂକ ଜୀବନୀ ଓ ସାହିତ୍ୟ ରେ ବହୁପୂର୍ବରୁ ସେ ଦେଇଛନ୍ତି ଏହି ଏକ ପରିବାରତ୍ୱର ବାର୍ତ୍ତା।

ରବୀନ୍ଦ୍ରନାଥ ଟାଗୋର ଥିଲେ ଭାରତଆତ୍ମା। ଭାରତର ଗୌରବ। ବିଶ୍ୱ ର ମାନବ ପାଇଁ ଥିଲା ସମ୍ବେଦନଶୀଳ ବ୍ୟାପକ ହୃଦୟଟିଏ। ଭାରତୀୟ ସଂସ୍କୃତିର ସେ ଥିଲେ ଯଥାର୍ଥ ବାର୍ତାବହ। ବିଶ୍ୱର ଶୁଭଚିନ୍ତକ ଓ ବିଶ୍ୱମାନବବାଦର ବିଶ୍ୱକର୍ମା।। ଗୀତାଞ୍ଜଳିର ନୈବେଦ୍ୟ ଦେଇ ଓ ଶାନ୍ତିନିକେତନର ଶିକ୍ଷାଦାନରେ ତାଙ୍କର ମାନବ ଧର୍ମର ମହକ ତାଙ୍କୁ ଯୁଗରୁ ଯୁଗାନ୍ତର ଅମର କରି ରଖିବ ନିଶ୍ଚୟ। ତାଙ୍କ ଉଦ୍ଦେଶ୍ୟରେ ଆଜିର ପୁଣ୍ୟ ଜନ୍ମ ତିଥିରେ ଅନ୍ତରରୁ ଅଜସ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି।

ଯାଜପୁର
ଦୂରଭାଷ : ୮୭୬୩୩୯୭୧୯୯

## ମତଦାତା ମାନଙ୍କ ଆସ୍ଥାଭାଜନ ହୋଇ ପାରିନାହାଁନ୍ତି ବି.ଜେ.ଡି ଓ ବି.ଜେ.ପି ଦଳ



ଉମାଶଙ୍କର ପ୍ରସାଦ

ବର୍ତ୍ତମାନ ଝାରସୁଗୁଡା ଉପ ନିର୍ବାଚନ ରାଜ୍ୟ ରାଜନୀତିରେ ବିଶେଷ ଆଲୋଡନ ସୃଷ୍ଟି କରିବା ସହ ରାଜନୀତିକୁ ବେଶ ସରଗରମ କରିଛି। ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ତିନି ପ୍ରମୁଖ ଦଳ ନିଜର ବଡିମା ତଥା ପାରିବାର ପଣିଆ ବଖାଣିବା ସହ ବିରୋଧି ଦଳ ମାନଙ୍କର ଗୋହି ଖୋଳିବାରେ ଲାଗି ପଡିଛନ୍ତି। କିନ୍ତୁ ବିଚାରକୁ ନେଲେ ଯାହା ଜଣାପଡେ ଏହି ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ଏକପ୍ରକାର କଂଗ୍ରେସର ଦୂର୍ଗ ଥିଲା ବୋଲି କହିଲେ କିଛି ଭୂଲହେବନି। ରାଜ୍ୟର ଜଣେ କାର୍ଯ୍ୟରତ ପୋଲିସ ଅଧିକାରୀ ଙ୍କ ଦ୍ୱାରା ନିହତ ହୋଇଥିବା ବିଜୁ ଜନତା ଦଳର ବିଧାୟକ ତଥା ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ନବଦାସ ଆଗରୁ କଂଗ୍ରେସର ବିଧାୟକ ଥିଲେ। କିନ୍ତୁ ୨୦୧୯ ରେ ସେ କଂଗ୍ରେସ ଦଳରୁ ଆସି ବିଜେଡିରେ ଯୋଗଦେଇ ଏହି ବିଧାନସଭା କ୍ଷେତ୍ରରୁ ବିପୁଳ ଭୋଟରେ ପୁନଃ ନିର୍ବାଚିତ ହୋଇ ବିଜେଡି ମୁଖିଆ ତଥା ଆମ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଙ୍କ ହୃଦୟ ଯିତିବା ସହ ସରକାରରେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ହୋଇଥିଲେ। ମାତ୍ର ଦୁର୍ଭାଗ୍ୟ ହେଉ ବା ଷଡଯନ୍ତ୍ର ହେ, ଯେଉଁ ଦଳରେ ସେ ସାମିଲ ହୋଇଥିଲେ ସେହି ଦଳର କେତେକ ଦଳୀୟ ନେତା ତଥା ବରିଷ୍ଠ ପ୍ରଶାସକ ତାଙ୍କ ମୃତ୍ୟୁ ପଛର କାରଣ ବୋଲି ବିରୋଧି ତଥା ସାଧାରଣରେ ଚର୍ଚ୍ଚା ହେବାରେ ଲାଗିଛି ଏବଂ ଏ ପର୍ଯ୍ୟନ୍ତ ହତ୍ୟାର କାରଣ ଓ ତତ୍ ସହିତ ଜଡିତ ସଂପୃକ୍ତ ବ୍ୟକ୍ତି ମାନଙ୍କୁ ଦୀର୍ଘ ତିନି ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଠାବ କରିବାରେ ସରକାରଙ୍କର କ୍ରାଇମବ୍ରାଂଚ ଅସଫଳ ହୋଇଛି ! ୨୦୨୩ ଜାନୁୟାରୀ ତ ୨୯ ରିଖ ଦିନ ଦ୍ୱିପ୍ରହରରେ ବ୍ରଜରାଜନଗର ଗାନ୍ଧୀଛକଠାରେ ତାଙ୍କର ଅଙ୍ଗରକ୍ଷୀ ପୋଲିସ ବିଭାଗର ଗୋପାଳ ଦାସ ର ଗୁଳିମାଡରେ ତାଙ୍କର ମୃତ୍ୟୁ ହୋଇଥିଲା। କିପରି ଓ କାହିଁକି ଏହି ପଶ୍ନର ଉତର ଅପେକ୍ଷାରେ ଝାରସୁଗୁଡାର ମତଦାତା।

ଦେଶ ସ୍ୱାଧୀନତା ହେବାର ୪ବର୍ଷପରେ ଆମ ରାଜ୍ୟରେ ପ୍ରଥମ ନିର୍ବାଚନ ୧୯୫୧-୫୨ ରେ ହୋଇଥିଲା। ସେତେବେଳେ ୧୦୭ ଟି ନିର୍ବାଚନ ମଣ୍ଡଳୀରୁ ୩୨ ଟି ଥିଲା ଯୁଗ୍ମ ଆସନ। ଏହି ଯୁଗ୍ମ ଆସନରୁ ଜଣେ ଅଣସଂରକ୍ଷିତ ଓ ଜଣେ ସଂରକ୍ଷିତ ପ୍ରାର୍ଥୀ ନିର୍ବାଚିତ ହେଉଥିଲେ। ଏହି ଝାରସୁଗୁଡା ନିର୍ବାଚନ କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ ବିଜୟ କୁମାର ପାଣି ମାତ୍ର ୬୯୧ ଭୋଟ ବ୍ୟବଧାନରେ ବିଜୟଲାଭ କରିଥିବା ବେଳେ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ମନୋହର ନାୟକ ୧୪୯୬ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୧୯୫୭ ରେ ମଧ୍ୟ ଏହି ଯୁଗ୍ମ ଆସନରୁ ପୁନର୍ବାର କଂଗ୍ରେସ ର ବିଜୟପାଣୀ ନିର୍ବାଚିତ ହୋଇଥିଲେ। ୧୯୬୧ ଏବଂ ୧୯୭୧ ରେ କଂଗ୍ରେସ ପ୍ରାର୍ଥୀଭାବେ ଡା ଝସକେତନ ସାହୁ ବିଜୟଲାଭ କରିଥିଲେ। ଏହିପରି ଲଗାତାର କଂଗ୍ରେସ ପ୍ରାର୍ଥୀ ନିଜର ପତିଆରା ଜାହିର କରିପାରିଥିଲେ। ୧୯୩୭ ରୁ ୧୯୭୭, ଦୀର୍ଘ ୪୦ ବର୍ଷ ଭିତରେ ହୋଇଥିବା ସମସ୍ତ ନିର୍ବାଚନର ଭୋଟ ବ୍ୟବଧାନ ହାର ୪୦୦୦ କୁ ଟପି ପାରିନଥିଲା। ୧୯୮୦ ରେ ପୂର୍ବର ଏହି ଭୋଟ ବ୍ୟବଧାନ ହାରକୁ ପରିବର୍ତ୍ତନ କରି କଂଗ୍ରେସର ବିରେନ୍ଦ୍ର ପାଣ୍ଡେ ପ୍ରାୟ ୧୮,୦୦୦ ଭୋଟ ବ୍ୟବଧାନରେ ଝାରସୁଗୁଡା ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ସେ ଲଗାତାର ୧୯୮୫, ୧୯୯୦, ଏବଂ ୧୯୯୫ ରେ ହ୍ୟାଟ୍ରିକ କରି ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟଲାଭ କରିଥିଲେ। ମାତ୍ର କଂଗ୍ରେସର ଏହି ବିଜୟ ଧାରାରେ ରୋକ ଲଗାଇ କିଶୋର ମହାନ୍ତି ୨୦୦୦ ଓ ୨୦୦୪ ରେ ବିଜେଡି ଟିକେଟରେ ନିର୍ବାଚିତ ହୋଇଥିଲେ। ଏହି ବିଜେଡି ଦଳର ତୁଙ୍ଗ ନେତା କିଶୋର ମହାନ୍ତିଙ୍କ ଗଡକୁ ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଭାବେ ନବକିଶୋର ଦାସ ୬୨ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟଲାଭ କରି ବିଜେଡି ଗଡକୁ ଚୁରମାର କରି ଦେଇଥିଲେ। ସେତେବେଳର ବିଜେପି ପ୍ରାର୍ଥୀ ମାତ୍ର ୧୫ ହଜାର ଭୋଟ ପାଇଥିଲେ। ୨୦୧୪ ରେ ମଧ୍ୟ ନବଦାସ ପୁନର୍ବାର କଂଗ୍ରେସରୁ ଲଢି ବିଜୟ ଲାଭ କରିଥିଲେ। ମାତ୍ର କ'ଣ ଏପରି ହେଲାଯେ ନବ ବାବୁ ୨୦୧୯ ରେ ହଠାତ କଂଗ୍ରେସ ଦଳକୁ ବାଏ,ବାଏ କରି ବିଜେଡି ଦଳରେ ସାମିଲ ହେବା ସହ ଦଳରୁ ପ୍ରାର୍ଥୀ ହୋଇ ୯୮, ୬୨୦ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିଲେ। ଉକ୍ତ ନିର୍ବାଚନରେ ବିଜେପି ଦଳ କଂଗ୍ରେସକୁ ଟପି ଦ୍ୱିତୀୟ ସ୍ଥାନ ପାଇଥିଲା ବେଳେ କଂଗ୍ରେସ ତୃତୀୟ ସ୍ଥାନରେ ରହିଥିଲା।

ଏଠାରେ ପ୍ରଶ୍ନ ଉଠେ ବିଜୁ ଜନତା ଦଳ ରାଜ୍ୟରେ ୨୩ ବର୍ଷ ଧରି ନିରବିଚ୍ଛିନ୍ନ ଭାବେ ଶାସନକରୁଥିବା ବେଳେ ବିଜେପି ମଧ୍ୟ କେନ୍ଦ୍ରରେ ୭ବର୍ଷରୁ ଉର୍ଦ୍ଧ୍ୱ ଶାସନ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଭୋଟର ମାନଙ୍କର ଆସ୍ଥା ଭାଜନ ହୋଇ ପାରିନାହାଁନ୍ତି ଯାହା ଅତ୍ୟନ୍ତ ଦୁଃଖ ତଥା ଲଜ୍ୟାର ବିଷୟ। ଯାହାର ସଦ୍ୟ ଉଦାହରଣ ଆଗକୁ ହେବାକୁ ଯାଉଥିବା ଝାରସୁଗୁଡା ଉପ ନିର୍ବାଚନ। ଏଥିରେ ଦିବଂଗତ ମନ୍ତ୍ରୀ ନବଦାସ ଙ୍କ କନ୍ୟା ଦୀପାଳି ଦାସଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଚୟନ କରିଥିବା ବେଳେ, ବିଜେପି ଜଣେ ବାହାରର ଯୁବକ ଟଙ୍କଧର ତ୍ରିପାଠୀ ଙ୍କୁ ନିଜ ଦଳର ପ୍ରାର୍ଥୀ ଭାବେ ଚୟନ କରିଥିବାରୁ ତାକୁ ବିଦେଶୀ ଆଖ୍ୟା ମିଳିଛି। ଅନ୍ୟ ପକ୍ଷରେ ପିତାଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ତରୁଣ ପାଣ୍ଡେ ଙ୍କୁ କଂଗ୍ରେସ ନିଜଦଳର ପ୍ରାର୍ଥୀ ଭାବେ ଚୟନ କରିଛି। ଏହି ଆସନରେ ତାଙ୍କ ସ୍ୱର୍ଗୀୟ ପିତା ଲଗାତାର ତନି ତିନି ଥର ବିଧାୟକ ରହିଥିଲେ। ଏବଂ ଉଭୟେ ତରୁଣ ଓ ଦୀପାଳି ସହାନଭୁତି ଭୋଟ ହାତେଇବେ ବୋଲି ଆଶା ପୋଷଣ କରିଛନ୍ତି। ଏହି ନିର୍ବାଚନ ମଣ୍ଡଳିରେ ସବୁଠାରୁ କଂଗ୍ରେସ ଅଧିକ ଥର ଜିତିଥିବାରୁ ସେ ଏହାକୁ ନିଜ ଦଳର ଗଡ ବୋଲି କହୁଛି। ମାତ୍ର ସାରା ରାଜ୍ୟରେ କଂଗ୍ରେସର ପତିଆରା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ମାତ୍ର ବିଜୁଜନତା ଦଳ ୨୩ ବର୍ଷକାଳ ଲୋକହିତରେ ବିଶ୍ୱାସ ରଖୁଥିବା କଥା କହୁଥିବା ବେଳେ ନିଜ ଉପରୁ ଆସ୍ଥା ହରାଇବା ସହ ତା ଦଳର ୪୫ ଜଣ ମନ୍ତ୍ରୀ , ବିଧାୟକ ମାନଙ୍କୁ ଚୟନ କରି ପ୍ରଚାର କାର୍ଯ୍ୟରେ ନିୟୋଜିତ କରିଛି ଯାହା ପ୍ରମାଣ କରେ ସରକାରଙ୍କର କଥା ଓ କାର୍ଯ୍ୟ ଉପରେ ଝାରସୁଗୁଡା ବାସୀଙ୍କର ବିଶ୍ୱାସ ନାହିଁ। କ୍ଷମତାରେ ଥିବା ଦଳ ଉପ ନିର୍ବାଚନ ଜିତିବା କିଛି ବଡ କଥା ନୁହେଁ ତଥାପି ସରକାରଙ୍କୁ ଧାମନଗର ନିର୍ବାଚନ ର ଫଳ ଭୟଭୀତ କରିଛି ତେଣୁ ଦଳର ସୁପ୍ରାମୋ ତଥା ମୁଖ୍ୟମନ୍ତ୍ରୀ ମଧ୍ୟ ଦିପାଳୀ ପାଇଁ ପ୍ରଚାର ମଇଦାନରେ ଓହ୍ଲାଇବେ। ଏପଟେ ବିଜେପି, ବିଜେଡି ଦଳର ଦୁର୍ନୀତି, ବିପର୍ଯ୍ୟୟ ଆଇନ ବ୍ୟବସ୍ଥା ତଥା ନାରୀ ନିର୍ଯ୍ୟାତନା ତଥା କ୍ଷମତାର ଅପବ୍ୟବହାରକୁ ନେଇ ଚିକ୍କାର କରିଛନ୍ତି ଏପଟେ ବିଜେଡି ମଧ୍ୟ ଦେଶରେ ଦରଦାମ ବୃଦ୍ଧି, ତୈଳ ଦର ବୃଦ୍ଧି, ଓଡିଶାକୁ ସ୍ୱତନ୍ତ୍ର ପାହ୍ୟାର ପ୍ରଦାନ ତଥା ବିଜେପିର ପଟପରିବର୍ତ୍ତନ କଥାର ଉଦାହରଣ ଦେଇ ଆଜି ଯେଉଁ କଂଗ୍ରେସ ବିରୁଦ୍ଧରେ ସେ ବିଷ ଉଦ୍ଗାରୁଛି ଅତିତରେ ୧୯୯୮ ମସିହା ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ନଥିବାରୁ ସେହି କଂଗ୍ରେସ ଦଳରୁ ତତ୍କାଳିନ ଟେଲିକମ ମନ୍ତ୍ରୀ ସୁଖରାମ ଙ୍କ ବାସଭବନରୁ ସି.ବି.ଆଇ ପକ୍ଷରୁ ଚଢଉ କରାଯାଇ ତାଙ୍କ ବଡ ବଡ ତକିଆ ଜବତ କରାଯାଇ ସେଥିରୁ ପ୍ରାୟ ଅଢେଇ କୋଟି ଟଙ୍କା ଜବତ କରାଯିବା ସହ ତାଙ୍କୁ କଂଗ୍ରେସ ଦଳରୁ ବିଦାୟ କରା ଯାଇଥିଲା। ସେତେବେଳେ ବିଜେପି ଦଳ ଚିକ୍କାର କରୁଥିଲା "ହମ୍ ବୋଲେତୋ ଜୟ ଶ୍ରୀ ରାମ, ଔର କଂଗ୍ରେସ ବୋଲତା ହେ ଜୟ ସୁଖରାମ" ସେହି ବିଜେପି ଦଳ ଜାହାଙ୍କ ବିରୁଦ୍ଧରେ ଚିକ୍କାର କରୁଥିଲା ୧୯୯୮ ରେ ସୁଖରାମଙ୍କ ହିମାଚଳ କଂଗ୍ରେସ ସହ ମିଶି ସରକାର ଗଢିଥିଲା। ତେଣୁ ବିଜେପି ଗୋଟିଏ ଅବାସ୍ତବ ଦଳ। ଏପରି ଆରୋପ ପ୍ରତ୍ୟାରୋପ ସାଧାରଣତ ନିର୍ବାଚନ ସମୟରେ ହୋଇଥାଏ। ବର୍ତ୍ତମାନ ଝାରସୁଗୁଡାର ଭୋଟର ସଂଖ୍ୟା ୩ ଲକ୍ଷ ୧୧ ହଜାର ୫୯୧ ଥିବା ବେଳେ କେବଳ ମହିଳା ଭୋଟର ଙ୍କ ସଂଖ୍ୟା ୧ଲକ୍ଷ,୫୪ହଜାର ୮୫୨ ଏବଂ ୨୦ରୁ ୫୦ ବର୍ଷ ବୟସର ଭୋଟର ପ୍ରାୟ ୬୮% ଥିବାବେଳେ ମହିଳା ଭୋଟର ଙ୍କ ହାର ୭୧ ପ୍ରତିଶତ। ଏହି ନିର୍ବାଚନରେ ମହିଳା ତଥା ଯୁବକ ମତଦାତା ମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ତେବେ ଦେଖାଯାଉ ୧୦ ତାରିଖରେ ହେବାକୁ ଥିବା ନିର୍ବାଚନ ରେ ବିଜେଡି ଓ ବିଜେପି ତଥା କଂଗ୍ରେସ କେତେଦୁର ମତଦାତା ମାନଙ୍କ ହୃଦୟ ଜିତୁଛନ୍ତ ତାହା ୧୩ ତାରିଖରେ ଜଣାପଡିବ ?

ଉମାଶଙ୍କର ପ୍ରସାଦ,ସ୍ତମ୍ଭକାର,ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

## ଆମ ଭାଷା ଓ ସାହିତ୍ୟର ଗତି କେଉଁ ଆଡ଼କୁ ?



ଗୁରୁକଲ୍ୟାଣ ମହାପାତ୍ର

'There is a pleasure in poetic pains which none but poets know. ଲେଖକ ମାତ୍ରକେ ଏ କଥା କହିବେ ।ମୁଁ ଜାଣେ,ଏହି ଆନନ୍ଦ ଟିକକ ଲେଖକ ବା କବିର ମଜୁରୀ ।ଆଉ ଯଶ କହ,ମାନ କହ ଅର୍ଥ କହ,ପ୍ରଶଂସାକହ,ସେଗୁଡ଼ାକ ଉପୁରି ପାଉଣା । ଭାଗ୍ୟ ଘେନି ଫଳ ।କହ ଭାଗ୍ୟରେ ସୁନମୁଣ୍ଡା ତ ଆଉ କାହା ଭାଗ୍ୟରେ ଖୁଦ କୁଣ୍ଡା । ଅଶାନ୍ତି ଓ ଅର୍ଥାଭାବ ଲେଖାର ବଡ଼ପ୍ରତିବନ୍ଧକ ।ଲେଖଓଦ୍ୱାରା ଅର୍ଥପାର୍ଜନ ଲେଖକକୁ ବହୁତ ଉତ୍ସାହ କୁ ଉଦ୍ଦୀପନା ଦିଏ ।ମାତ୍ରଓଡ଼ିଶାରେ ସାହିତ୍ୟ ଲେଖି ପଇସା କମାଇବା ବା ପେଟ ପୋଷିବାର ବେଳ ତ ଏ ଯାଏଁ ଆସିନାହିଁ ।ପୁଣି କେବେ ଆସିବ କି ନାହିଁ କିଏ ଜାଣେ ?'(' ମୁଁ କାହିଁକି ଲେଖେଁ,୧୯୫୧ ମସିହା ' ଡଗର' ୧୪ ବର୍ଷ ସଂଖ୍ୟା, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)ଆମ ଭାଷା ତ ଶାସ୍ତ୍ରୀୟ ଭାଷା ହୋଇ ଯାଇଛି ।ମାତ୍ର ଯେଉଁ ଭାଷା ସାହିତ୍ୟକୁ ସମୃଦ୍ଧ ଓ ସୁନ୍ଦର କରେ,ସେ ସାହିତ୍ୟର ଅର୍ଥାତ୍ ଆମ ଓଡ଼ିଆ ସାହିତ୍ୟର ଦୂରବସ୍ଥା କଥା ନକହିବା ଉଚିତ୍ ।ପ୍ରାୟ ୭୦ ବର୍ଷ ତଳେ କାନ୍ତକବି ଲକ୍ଷ୍ମୀକାନ୍ତ ଆମ ସାହିତ୍ୟିକ ମାନଙ୍କ ସମ୍ପର୍କରେ ଯାହା କହିଥିଲେ ତାହା ଏବେ ମଧ୍ୟ ସତ ବୋଲି ମନେ ହେଉଛି ।ଅବଶ୍ୟ କେହି କେହି ଲେଖକ ଲେଖାଲେଖିରୁ ଅର୍ଥ ଉପାର୍ଜନ କରିଥିଲେ ବା କରୁଛନ୍ତି ।ମାତ୍ର ସେମାନଙ୍କ ମୁଖ୍ୟ ଜୀବିକା ଲେଖାଲେଖି ନୁହେଁ,ଅନ୍ୟକିଛି ।ସାହିତ୍ୟ ସେମାନଙ୍କ ପାଇଁ ସାମୟିକ ପେଶା, ପୂର୍ଣ୍ଣକାଲୀନ ପେଶା ନୁହେଁ ।ବହିଲେଖି କେହି କେହି ଆୟକର ଦେଉଛନ୍ତି ବୋଲି ଗର୍ବବୋଧ କରିବାର ମଧ୍ୟ ଦେଖାଯାଇଥାଏ। ମାତ୍ର ସେମାନଙ୍କ ସାହିତ୍ୟ ପୁସ୍ତକର ପ୍ରଭାବ ଯେ ଓଡ଼ିଆ ପାଠକଙ୍କ ଉପରେ ଥାଏ,ତାହା ଗର୍ବର ସହିତ କୁହାଯାଇ ନପାରେ ।ଦୁଃଖର କଥା ଯେଉଁ ସବୁ ଓଡ଼ିଆ ବହି ପୁରସ୍କାର ପାଇଥାଏ,ଅଧିକାଂଶ ଶିକ୍ଷିତ ବା ସାଧାରଣ ଓଡ଼ିଆ ପାଠକ ତାହା ପଢ଼ି ନଥାନ୍ତି ।ଆମ ରାଜ୍ୟର ଜଣେ ବିଶିଷ୍ଟ ଲେଖକ,ସାମ୍ବାଦିକ ଓ ବିଧାୟକ ଶ୍ରୀ ସୌମ୍ୟରଂଜନ ପଟ୍ଟନାୟକ, 'ପ୍ରତିମା ପୁରସ୍କାର ଉତ୍ସବ,୨୦୨୩'ରେ କହିଛନ୍ତି,ସାହିତ୍ୟିକ ସମାଜକୁ ପଙ୍କିଳ ନକରୁ ପୁରସ୍କାର ଗିଡ଼' ।(' ସମ୍ବାଦ ', ପୃଷ୍ଠା ୧୫, ୫ ମେ ' ୨୦୨୩) ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଜଣେ ଲେଖକ ।ସାମଗ୍ରିକଓଡ଼ିଶାର ଉନ୍ନତି ତାଙ୍କର ଲକ୍ଷ୍ୟ ।ଓଡ଼ିଆ ଲେଖକମାନଙ୍କୁ ସାହିତ୍ୟ କ୍ଷେତ୍ରରେ ଉତ୍ସାହିତ କରିବାକୁ ତାଙ୍କ ଇଚ୍ଛା ।କ୍ରମେ ରାଜ୍ୟର ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିବଡ଼ି ପୁରସ୍କାର ସମେତ ସାହିତ୍ୟର ବିଭିନ୍ନ ବିଭାଗର ପୁରସ୍କାର ରାଶିକୁ ବୃଦ୍ଧି କରିଛନ୍ତି ।ଏପରିକି ବୟସ୍କ ଲେଖକମାନଙ୍କୁ ସମ୍ବର୍ଦ୍ଧନା ପାଇଁ ଅର୍ଥ ରାଶି ମଧ୍ୟ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ମାତ୍ର କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଭାଷାରେ ' କାହା ଭାଗ୍ୟରେ ସୁନ ।ମୁଣ୍ଡ। ତ କାହା ଭାଗ୍ୟରେ ଖୁଦକୁଣ୍ଡା ' ଏବେ ବି ରହିଛି ।ଏହାକୁ ଶୃଙ୍ଖଳିତ କରିବାକୁ ରାଜ୍ୟ ସଂସ୍କୃତି ବିଭାଗ ଓ ସାହିତ୍ୟ ଏକାଡେମୀ ଉଦ୍ୟମ ଜାରି ରଖିଥିଲେ ।ମାତ୍ର ସେହି ସାହିତ୍ୟ ଏକାଡେମୀର ଜଣେ ସଦସ୍ୟ ପୁରସ୍କାର ଚୟନ ପଦ୍ଧତି ଉପରେ ଅଦାଲତକୁ ଯାଇଛନ୍ତି ।ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏପରି କ୍ଷେତ୍ରରେ ତୁରନ୍ତ ନ୍ୟାୟ ପ୍ରଦାନ ନକଲେ,ଲେଖକ ଲେଖିକାମାନଙ୍କ ଭାଗ୍ୟର ପରିବର୍ତ୍ତନ ଘଟିବ ନାହିଁ ବୋଲି ସଚେତନ ଲେଖକମାନେ ଅନୁଭବ କରୁଛନ୍ତି ।ରାଜ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ପାହ୍ୟାର ଅଛନ୍ତି ଶ୍ରୀ ସତ୍ୟବ୍ରତ ସାହୁ,ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ କୁମାର ରାଉତରାୟ,ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ଶ୍ରୀ ପ୍ରବୋଧ ଚନ୍ଦ୍ର ରାଉତ ।ଅନ୍ୟାନ୍ୟ ଭଲ କର୍ମକର୍ତ୍ତା ବି ଅଛନ୍ତି ଯେଉଁ ମାନଙ୍କୁ ଏ ଲେଖକ ବ୍ୟକ୍ତିଗତ ଭାବେ ଜାଣେ ନାହିଁ ।ତେବେ ଆଉ ଗୋଟିଏ ଦିଗପ୍ରତି ଏଠାରେ ଦୃଷ୍ଟି ଆକର୍ଷଣ କରୁଛି ।ଧରାଧରି ଜରିଆରେ କୌଣସି ଲେଖକଙ୍କୁ ପୁରସ୍କାର ବା ସମ୍ବର୍ଦ୍ଧନା ଦିଆ ନଯାଉ ।ଭଲ ଲେଖକ ଜଣେ ପୁରସ୍କାର ବା ସମ୍ବର୍ଦ୍ଧନା ପାଇଲେ ଓଡ଼ିଆ ଲେଖକ ବା ପାଠକମାନେ ଯେପରି ଖୁସି ହୁଅନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯାଉ ।ଅନ୍ୟ ଗୋଟିଏ କଥାପ୍ରତି ମଧ୍ୟ ମୁଁ ଦୃଷ୍ଟି ଆକର୍ଷଣ କରୁଛି ଏଠାରେ ।ମୁଖ୍ୟମନ୍ତ୍ରୀ ଯେଉଁ କଳାକାର ମାନଙ୍କୁ ଭତ୍ତା ଦେଉଛନ୍ତି ମାସିକ,ତାହା ସମ୍ଭବତଃ ମାସିକ ବାରଶହ ଟଙ୍କା ବା ତତୁର୍ଦ୍ଧ ।ସେଥିରେ ସାହିତ୍ୟ ଲେଖକଙ୍କୁ ବାଦ ଦିଆଯିବାର କାରଣ ନାହିଁ ।ମୋର ମନେ ଅଛି,ବିଶିଷ୍ଟ ହାସ୍ୟ ଲେଖକ ଓ 'ଡଗର' ପତ୍ରିକାର ସହଯୋଗୀ ସଂପାଦକଫତୁରାନନ୍ଦ ମାସିକ ଶହେ ବା ଦୁଇଶହ ଟଙ୍କା ଦୁସ୍ଥ କଳାକାର ଭାବେ ପାଇ କଷ୍ଟେ ମଷ୍ଟେ ଚଳି ଯାଉଥିଲେ ।ସେ ତ ଅବିବାହିତ ଥିଲେ ।ତେଣୁ ଲେଖକମାନଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତାରୁ ବାଦ ନଦେଇ ନିୟମକୁ ଏପରି କରନ୍ତୁ ଯେପରି ଜଣେ ଅଭାବରେ ଥିବା ଲେଖକ ସହଜରେ ଭତ୍ତା ବିନା ରାଜନୀତିକ ଚାପରେ ପାଇ ପାରିବ ।

ଭୁବନେଶ୍ୱର,
ଫୋନ:୯୪୩୭୦ ୧୨୧୨୩

## ପରୀକ୍ଷା ପାଇଁ ପ୍ରସ୍ତୁତି କିପରି ହେବ ?



ଡାକ୍ତର ସମ୍ରାଟ କର

ପରୀକ୍ଷା ପୂର୍ବରୁ ପ୍ରସ୍ତୁତି : ପ୍ରଥମେ ଖାଇବା ଓ ଶୋଇବା ବିଷୟରେ ଆଲୋଚନା କରିବା। ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ। କେତେଜଣ ବହି ଧରି ଶୁଅନ୍ତି। ଏପରି ହେଲେ ନିଦରେ ବା ସ୍ୱପ୍ନରେ ମଧ୍ୟ କେବଳ ପାଠ ମନେ ପଡ଼ିବ। ଦିନସାରା ମନ ଅସ୍ଥିର ଓ ବାଉଳା ଲାଗିବ। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବାର ଅଭ୍ୟାସ କର। ପ୍ରତ୍ୟେକ ପ୍ରଶ୍ନକୁ ଭାବିକି ଲେଖିବା ପାଇଁ ପରୀକ୍ଷା ହୁଏ। ଠିକ୍ ଭାବେ ନ ଶୋଇଲେ, ଭାବନା ମଧ୍ୟ ସଠିକ ହେବନାହିଁ। ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ। ମଧ୍ୟାହ୍ନ ଓ ରାତ୍ରିଭୋଜନ ଆଦି ଭାରି ଖାଦ୍ୟ ଖାଇବାର ଅଧ ଘଣ୍ଟାରୁ ଘଣ୍ଟାଏ ମଧ୍ୟରେ ପାଠ ପଢ଼ ନାହିଁ। ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ଟିକିଏ କମ୍ ରକ୍ତ ସଞ୍ଚାଳନ ହୁଏ। ଟିକିଏ ନିଦୁଆ ଲାଗେ। ପାଠ ଠିକ୍ ଭାବେ ମନେ ରହେ ନାହିଁ। ସୂଚୀ : ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର। କେଉଁ ପାଠ ଅଛି ? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ ? କଅଣ ମନେ ରହୁନାହିଁ ? ପାଠଟି ବୁଝିକରି ମନେ ରଖିବା ପାଇଁ କେତେ ସମୟ ଲାଗିବ ? ଏହାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ସମୟ ହାତରେ ରଖ। ତାଲିକା : ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ। ତେଣୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ। ଗୃହିଣୀ ଓ ଚାକିରି କରି ପାଠ ପଢ଼ୁଥିବା ପିଲାମାନେ ଘରକାମ, ଅଫିସକାମ ଓ ପିଲାକାମ ସାରି ପଢ଼ି ବସନ୍ତୁ। ତାହେଲେ ମନ ଅସ୍ଥିର ହେବନାହିଁ। ପାଠରେ ମନ ଲାଗିବ। ପରିବେଶ : ପାଠପଢ଼ା ପରିବେଶକୁ ଠିକ୍ ରଖ। ପାଖରେ ଖାତା, ପେନ୍, ପେନସିଲ ଓ ଘଣ୍ଟାକୁ ରଖିବ। ବହିଗୁଡ଼ିକ ଠିକ ଜାଗାରେ ଶୃଙ୍ଖଳିତ କରି ରଖିଲେ କାଢ଼ିବା ସମୟରେ ସହଜ ହେବ। ଅଧିକ ସମୟ ନଷ୍ଟ ହେବନାହିଁ ଓ ମନ ଅସ୍ଥିର ହେବନାହିଁ। ଏକାଥରକେ ଚାରି ପାଞ୍ଚଘଣ୍ଟା ବସି ପାଠ ପଢ଼ ନାହିଁ। ପ୍ରାୟ ୪୫ ମିନିଟରୁ ୧ ଘଣ୍ଟା ପଢ଼ିବା ପରେ ପାଞ୍ଚ ଦଶ ମିନିଟର ବ୍ରେକ୍ ନିଅ। ଏହି ସମୟରେ ଅଲଗା କିଛି କର। ନିତିଦିନିଆ ଅଭ୍ୟାସ ରଖ। ଖାଇବା ଓ ଶୋଇବା ହଠାତ୍ କମ କରନାହିଁ। ନିଜେ ନିଜକୁ ପୁରସ୍କାର ଦିଅ। ଉଦାହରଣ : ଆଜି ଯଦି ମୁଁ ଏତିକି ପାଠ ସାରିଦେବି, ତେବେ ମୁଁ ଏତିକି ସମୟ ଖେଳିବି ବା ଟିଭି କାର୍ଯ୍ୟକ୍ରମ ଦେଖିବି। ପରୀକ୍ଷା ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତି : (କ) ଶେଷ ଦଶ ବର୍ଷର ପରୀକ୍ଷା ପ୍ରଶ୍ନ ଆଣି ପାଖରେ ରଖ। କେଉଁ ପ୍ରକାର ପ୍ରଶ୍ନ ପଡୁଛି ଲକ୍ଷ୍ୟ କର। ବର୍ତ୍ତମାନ ନିଜକୁ ପ୍ରଶ୍ନ କର ଯେ କେଉଁ ପ୍ରକାର ପଢ଼ିବ ଓ କିପରି ? ନିଜ ପାଖରେ କଅଣ ଅଛି ? ବହି, ଟେଷ୍ଟପେପର ଓ ନୋଟସ୍ ଆଦିକୁ ଶୃଙ୍ଖଳିତ ଭାବେ ରଖ। (ଖ) ଯେ କୌଣସି ବିଷୟ ପଢ଼ିବା ସମୟରେ ଏହାର ଶିରୋନାମା ବା ଶୀର୍ଷରେ ଉଲ୍ଲେଖିତ ବିଷୟ ଓ ଏଥିରେ ଥିବା ମୁଖ୍ୟ କଳ୍ପନା ବା ଭାବନା ଖୁବ୍ ଭଲଭାବେ ବୁଝ ଓ ମନେରଖ। ଧୀରେ ଧୀରେ ବାକି ପାଠ ମଧ୍ୟ ମନେ ରହିବ। (ଗ) ଯେଉଁ ବିଷୟଟିକୁ ପଢ଼ିଲ, ସେ ବିଷୟଟିକୁ ପରେ ମନେ ପକାଅ, ଲେଖ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କର। (ଘ) କେତେ ବୁଝିଲ ଓ ମନେ ରଖିଲ ଏହା ନିଜେ ନିଜକୁ ପ୍ରଶ୍ନ କର। ଆଉଥରେ ବିଷୟଟିକୁ ପଢ଼।

ପରୀକ୍ଷା ସମୟରେ ମାନସିକ ସମସ୍ୟା : ପରୀକ୍ଷା ସମୟରେ ପିଲାମାନେ ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ କୌଣସ ପାଠ ଠିକ୍ ଭାବେ ମନେ ରହୁନାହିଁ। ମନ ଅସ୍ଥିର ହେବା : ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇ କୁଆଡ଼େ ପଳାଏ, ସେଠୁ ପୁଣି ଆଉ କୁଆଡ଼େ। ଆମେ ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି। ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ। କାରଣ : ମନ ଅସ୍ଥିର ହେବାର ମୁଖ୍ୟ କାରଣ ହେଉଛି ମାନସିକ ଚାପ। ଏହି ଚାପ ଘରେ ଓ ବାହାରେ ହୋଇଥିବା ଗଣ୍ଡଗୋଳ, ଆର୍ଥିକ ଅନଟନ, ନିଜ ଲୋକଙ୍କ ଦେହ ଖରାପ ଇତ୍ୟାଦି ଯୋଗୁଁ ହୋଇପାରେ। ଭୋଜିଭାତ, ଭଲ ଟିଭି କାର୍ଯ୍ୟକ୍ରମ ବା ଖେଳିବାର ମନ ଥିଲେ ମଧ୍ୟ ମାନସିକ ଚାପ ପଡ଼ି ମନ ଅସ୍ଥିର ରହେ। ମାନସିକ ସମସ୍ୟା ଯଥା ମାନସିକ ବିଷାଦ ଓ ଉଦ୍‌ବେଗ ଯୋଗୁଁ ମଧ୍ୟ ଏହା ହୋଇପାରେ। ମନକୁ କିପରି ସ୍ଥିର ରଖିବ : ଶାନ୍ତ ପରିବେଶରେ ପାଠପଢ଼। ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତି କରି ସେଇ ଅନୁସାରେ ପାଠ ପଢ଼। ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି। ଅତ୍ୟଧିକ ଛାନିଆ ହେବା : କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଛାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି। ଭଲକରି ପାଠ ମନେଥିଲେ ମଧ୍ୟ ପରୀକ୍ଷାରେ ଲେଖିପାରନ୍ତି ନାହିଁ। ପରୀକ୍ଷା ପୂର୍ବରୁ ଅଳ୍ପ ଛାନିଆ ହେଲେ ଭଲ। ପାଠ ପଢ଼ାରେ ମନ ଲାଗିବ ଓ ମନେ ରଖିବା ସହଜ ହେବ। ମାତ୍ର ଅତ୍ୟଧିକ ଛାନିଆ କେବଳ ନିଜ ପାଇଁ ହିଁ ଖରାପ।

କାରଣ : ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଛାନିଆ ପଶେ। ଯଥା - ପାଠ କିପରି ପଢ଼ିବି ? କିପରି ମନେ ରଖିବି ? ପ୍ରଶ୍ନ କଅଣ ପଡ଼ିବ ? ପରୀକ୍ଷା ଫଳ କଅଣ ହେବ? ପରୀକ୍ଷା ଫଳ ଦେଖି ଅନ୍ୟମାନେ କଅଣ ଭାବିବେ ଓ କହିବେ ?

ଲକ୍ଷଣ : ଅଧିକାଂଶ ପିଲା ଅଭିଯୋଗ କରନ୍ତି ଯେ, ସ୍ମରଣ ଶକ୍ତି ବ୍ୟାଘାତ ହେଉଛି। ପରୀକ୍ଷା ପୂର୍ବରୁ ଭଲ କରି ପାଠପଢ଼ି ମନେ ରଖିଥିଲେ ମଧ୍ୟ କିଛି ପାଠ ମନେ ନାହିଁ ଓ ପରୀକ୍ଷାରେ ଫେଲ ହେବେ।

ଛାନିଆ ହେବା କିପରି କମ୍ କରିବ ? ପ୍ରଥମେ ମନେ ରଖିବା ଉଚିତ ଯେ, ପରୀକ୍ଷା ପୂର୍ବଦିନ ଠିକ ଭାବେ ଖାଇବ ଓ ଶୋଇବ। ଅନ୍ୟଦିନ ଠାରୁ ଅଧିକ ବା କମ୍ ନୁହେଁ। ଶିରୋନାମା ଓ ଏହାର ମୁଖ୍ୟ ବିଷୟବସ୍ତୁକୁ ମନେ ପକାଇବ। ପରୀକ୍ଷାରେ ପଡ଼ିଲେ କଅଣ ଲେଖିବ ବୋଲି ଭାବିବ। ମନରୁ ଦୁଶ୍ଚିନ୍ତା ଦୂରକରି ଖୁସି ରହିବାକୁ ଚେଷ୍ଟା କରିବ। ପରୀକ୍ଷା ଦିନ ସକାଳେ ଅତି ତରତର ହୋଇ ଗାଧୋଇବା, ଖାଇବା ଆଦି ନିତ୍ୟକର୍ମ କରିବା ଉଚିତ ନୁହେଁ। ପ୍ରତିଦିନ ଯେପରି କର, ଆଜି ମଧ୍ୟ ସେହିପରି କରିବ। ଅତି ତରତର ହେଲେ ଛାତି ଧଡ଼୍ ଧଡ଼ ହେବ, ଝାଳ ବାହାରିବ। ପ୍ରକୃତରେ ମନ ଛାନିଆ ନ ହେଲେ ମଧ୍ୟ ଛାତି ଧଡ଼ ଧଡ଼ ହେବା ଯୋଗୁଁ ଛାନିଆ ହେବା ଭଳି ଲାଗିବ। ନିଜର ଖାତା, ବହି ଓ ନୋଟ୍‌ସ ଆଦିକୁ ପରୀକ୍ଷା କେନ୍ଦ୍ରକୁ ନେବ। ନିହାତି ଦରକାର ନହେଲେ ଖୋଲିବ ନାହିଁ। ଯେଉଁ ପିଲାମାନେ ଅତ୍ୟଧିକ ଛାନିଆ ହୁଅନ୍ତି ବା କରାନ୍ତି, ସେମାନଙ୍କ ଠାରୁ ଦୂରେଇ ରହିବ। ନିଜକୁ ନିଜେ ବୁଝାଅ ଓ ସାହସ ଦିଅ। ମୁଁ ହୁଏତ ସବୁ ଉତ୍ତର ଜାଣି ନଥାଇପାରେ। ମୋର ହୁଏତ ପରୀକ୍ଷାରେ ସବୁ ମନେ ନପଡ଼ିପାରେ। ମୁଁ ପଢ଼ିଥିବା ପାଠ ଛଡ଼ା, ବାହାରୁ କିଛି ପ୍ରଶ୍ନ ପରୀକ୍ଷାରେ ପଡ଼ିପାରେ। ଏହାସାଧାରଣ କଥା ଓ ସମ୍ଭବପର। ସବୁଠିକ୍ ହେବ। ପରୀକ୍ଷା ଆରମ୍ଭ ହେବାର ଠିକ୍ ଦଶ ପନ୍ଦର ମିନିଟ୍ ପୂର୍ବରୁ କେତେଜଣ ଅଧିକ ଛାନିଆ ହୋଇଯାଆନ୍ତି। ତେଣୁ ପରୀକ୍ଷା ହଲକୁ ଆଗରୁ ଯାଇ ନିଜର ଚେୟାର ଖୋଜି ମନକୁ ସ୍ଥିର କରି ବସ। ମନକୁ ଶାନ୍ତ ରଖି ପରୀକ୍ଷା ପ୍ରଶ୍ନ ପଢ଼ିବା ଆରମ୍ଭ କର। ଯେଉଁ ପ୍ରଶ୍ନର ଉତ୍ତର ଭଲ ଭାବେ ଆସୁଛି, ତାହାକୁ ପ୍ରଥମେ ଦିଅ। ଲେଖିବା ପୂର୍ବରୁ ଉତ୍ତରର ସଂକ୍ଷିପ୍ତ ବିବରଣୀ ମନରେ ଭାବିନିଅ। ପରୀକ୍ଷା ସମୟରେ ନିଜକୁ ସାହାସ ଦିଅ। ନିଜକୁ ନିଜେ କୁହ 'ମୁଁ ଭଲକରି ଲେଖୁଛି। ଯାହା ପଢ଼ିଛି ସବୁ ମନେ ଅଛି। ମୁଁ ମୋର ସବୁଠାରୁ ଭଲ ଉତ୍ତର ପରୀକ୍ଷାରେ ଦେଉଛି।' ପରୀକ୍ଷା ହଲ୍‌ରେ ପୁରା ସମୟ ବସ। ସମୟ ବଳିଲେ ଆଉ ଥରେ ପଢ଼। ଆମେ ଅଜାଣତରେ ଭୁଲ ଲେଖିଥାଇପାରୁ। ସେଗୁଡ଼ିକ ସଜାଡ଼ି ଠିକ୍ କରିପାରିବ। ଗୋଟିଏ ବିଷୟରେ ପରୀକ୍ଷା ସାରିବା ପରେ, ସେହି ପରୀକ୍ଷା ଉପରେ ଅଧିକ ଆଲୋଚନା କର ନାହିଁ। ମନ ଛାନିଆ ଲାଗିପାରେ। ପରବର୍ତ୍ତୀ ବିଷୟର ପରୀକ୍ଷା ପାଇଁ ଚିନ୍ତା କର।

ମନେରଖ : ପରୀକ୍ଷା ପୂର୍ବରୁ ପାଠ ପଢ଼ିବା ଦରକାର। ତୁମେ ଏକା ନୁହେଁ, ଏହି ପାଠପଢ଼ା ସମସ୍ତଙ୍କ ଉପରେ କିଛି ନା କିଛି ମାନସିକ ଚାପ ପକାଏ। ମାନସିକ ଚାପ କେତେ ହେବ, ତାହା ନିଜ ଉପରେ ନିର୍ଭର କରେ। ପରୀକ୍ଷାରେ ସଫଳତାର ଚାବିକାଠି ହେଉଛି ସଠିକ୍ ଯୋଜନା। ପରୀକ୍ଷା ବିଷୟରେ ବେଶି ଭାବ ନାହିଁ, ବେଶି ଭାବିଲେ କିଛି କରିହେବ ନାହିଁ। ଯାହା ଉପରେ ଆମ ନିୟନ୍ତ୍ରଣ ନାହିଁ, ଆମେ କିଛି କରିପାରିବା ନାହିଁ। ମାତ୍ର ପାଠ ପଢ଼ିଲେ, ପରୀକ୍ଷାରେ ଭଲ କରିପାରିବା।

ମାନସିକ ରୋଗ ବିଭାଗ, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ସାହିତ୍ୟ ଦର୍ପଣ



## ଶାସ୍ତି



ସୁଦର୍ଶନ ମହାପାତ୍ର

ରୂପା ତା ସ୍ୱାମୀର ଦ୍ୱିତୀୟ ସ୍ତ୍ରୀ ହେବ ବୋଲି ପ୍ରଥମେ ଅମଙ୍ଗ ହେଉଥିଲା ବାହା ହେବାକୁ । ବାପା ବୋଉ ବୁଝେଇଲେ । ରଘୁ ଭଲପିଲା । ସରକାରୀ ଚାକିରୀ କରିଛି ।ବୟସ ଅବଶ୍ୟ ତା'ର ଟିକିଏ ବେଶୀ ହୋଇ ଯାଇଛି ।ପୁରୁଷ ପୁଅର ବୟସ କ'ଣ ? ଯେତେଦିନ ପର୍ଯ୍ୟନ୍ତ ରୋଜଗାର କରୁଥିବ ତା'ର ପୁରୁଷପଣିଆ ସେତେଦିନ ପର୍ଯ୍ୟନ୍ତ ଥିବ ।ପୁରୁଷପୁଅକୁ ତା'ର ବୟସରେ ତଉଲା ଯାଏନି, ତଉଲା ଯାଏ ତା ରୋଜଗାର ସହିତ... ! ରୂପା ଉପରେ ଦୁଇ ଭଉଣୀ । ଭାଇ ଥିଲେ ଅବା ସାହା ଭରସା ହୋଇ ଥାଆନ୍ତା ! ଦୁଇଟା ଝିଅ ବାହାଘର କରିସାରି ଆଉ ଯୁ' ନଥିଲା ବାପାର ।ଆଗ ଭଳି ଆଉ କାମଧନ୍ଦା କୁ ପାରେନି । ଏବେ ମା' ମୁଢ଼ି ଭାଜେ ଆଉ ବାପା ତାକୁ ବୁଲିବୁଲି ବିକି ଯାହା କିଛି ପଇସା ଗୋଟାଏ ସେଇଥିରେ ସେମାନଙ୍କ ର ଗୁଜୁରାଣ ମେଣ୍ଟେ ।ଯୋଗକୁ ଏଇ ପ୍ରସ୍ତାବ ଆସିଲା ।ଝିଅ ଅଭିଆଡ଼ି ରହିବା ଅପେକ୍ଷା ବାହାଘର ଦାୟିତ୍ୱକୁ କୌଣସି ମତେ ତୁଲେଇ ଦେବାକୁ ହେବ ବୋଲି ଭାବିଲେ ବାପା ମା ।

ହେଲେ ବାହାଘର କେଇଟା ଦିନ ଯାଇନି, ରୂପାର ସ୍ୱପ୍ନ ସବୁ ମଉଳି ଗଲା । ସ୍ୱାମୀର ସ୍ନେହ ସୋହାଗ ବଦଳରେ ସେ ଯେମିତି କ୍ରୀତଦାସର ଜୀବନ ଜିଇଁଲା । ନିର୍ଯ୍ୟାତନା ସହି ନପାରି ରୂପା କେତେଥର ବାପଘରେ ପହଞ୍ଚିଛି । ହେଲେ ବୃଦ୍ଧ ବାପା ମା'ଙ୍କର ଅସହାୟତା ତାକୁ ନୀରବ ରହିବାକୁ ବାଧ କରିଛି ।ରୂପାର ମନ ପୁଣି ଛଟପଟ ହୁଏ । ବ୍ୟାକୁଳ ହୋଇ ଚାହିଁ ରହିଥାଏ ରଘୁର ଫେରିବା ବାଟକୁ ।ରଘୁ ବି ଆସେ । ରୂପା ତା ସହିତ ମିଛ ଝଗଡା କରେ । ହେଲେ ସ୍ୱାମୀ ର ସ୍ତ୍ରୀ ହୋଇ ଫେରିଆସେ ପୁରୁଣା ଅବସ୍ଥାକୁ । କଟୁତିକ୍ତମୟ ସାଂସାରିକ ଜୀବନକୁ ଆଦରି ରୂପା ପଡିରହିଥିଲା ତୁଠ ପଥର ପରି ।

ରୂପା ଯେଉଁଦିନ ଏଇ ଜାଗାକୁ ଆସିଥିଲା,ପାଖଘର ପରୀ ମାଉସୀ ଆଉ ନିମାଇଁ ମଉସାଙ୍କ ସହିତ ପରିଚୟ କରେଇ ଦେଇଥିଲା ରଘୁ । କେତେ ଦିନ ପରେ, ପରୀ ମାଉସୀ ଦିନେ ରଘୁର ପ୍ରଥମ ସ୍ତ୍ରୀ ବିଷୟରେ ରୂପା ଆଗରେ ବଖାଣିଲା ଭିତରେ ସେଇ ସ୍ତ୍ରୀ ଲୋକଟା କେମିତି ରଘୁର ମାଡ଼ ଗାଳି ସହିନପାରି ଏଇ ଘରେ ବିଷ ପିଇଥିଲା, ସବୁ କଥା ଖୋଲି କହିଦେଲେ । ରୂପା ଏ ବିଷୟରେ ରଘୁକୁ ପଚାରିବା ମାତ୍ରେ ସେ ଯେମିତି ହିଂସ୍ର ହୋଇ ଉଠିଲା । ଆଃ.. !କି ଅଶୁଭ ଦିନଟା । ସେଇଦିନଠାରୁ ରୂପାର ମାଡ଼ ଖାଇବାର ପର୍ବ ଆରମ୍ଭ ହୋଇ ଯାଇଥିଲା । କାହା ସହିତ ମିଶି ପାରିବ ନାହିଁ ବୋଲି ରଘୁ ତାଗିଦ୍ କରିଥିଲା ।

ଦିନେ ରୂପାର ଦେହ ବହୁତ ଖରାପ ହେଲା । ଦେହରେ ଯେମିତି ତାତି ଫୁଟୁଥିଲା । ରଘୁ ଅଫିସ କାମରେ ଗାଡ଼ି ନେଇ ବାହାରକୁ ଯାଇଥିବାରୁ ରୂପା ବାଧ ହୋଇ ପରୀ ମାଉସୀଙ୍କୁ ଡାକି ତା'ର ଦେହ ଖରାପ କଥା କହିଲା ।ଆଉ ଔଷଧ ଆଣି ଦେଇଥିଲା ମଉସାଙ୍କ କଲେଜ ପଢୁଆ ପୁଅ । ତିନି ଦିନ ପରେ ଘରକୁ ଫେରି, ସମବେଦନା ପରିବର୍ତ୍ତେ ? କାଠ ଫାଳିଆରେ ରୂପା ଉପରେ ନିଜର ପରାକ୍ରମ ଦେଖାଇଲା ରଘୁ ! ତା ସାଙ୍ଗକୁ ଅଶ୍ରାବ୍ୟ ଭାଷାର ଗାଳି ଖଣ୍ଡ ମଣ୍ଡଳ ପ୍ରକମ୍ପିତ ହେଉଥିଲା... !

ଏ ଘଟଣାର କେତେ ଦିନ ପରେ ଆଗ ସ୍ତ୍ରୀ ର ଦୁଇ ପିଲାଙ୍କୁ ସେମାନଙ୍କ ମାମୁ ଆଣି ଛାଡି ଦେଇଗଲେ । ରଘୁ ର ଦୁଇ ପିଲାଙ୍କ ବିଷୟରେ ରୂପାକୁ ଅଜ୍ଞାତ ଥିଲା । ହେଲେ କିଛି କରିବାର ନ ଥିଲା । ଘରର ଆର୍ଥିକ ଅବସ୍ଥା ଦୂର କରିବାକୁ ରୂପାକୁ ଗୋଟିଏ କାରଖାନାରେ କାମରେ ଲଗାଇଦେଲା ନିଜେ ରଘୁ । ହେଲେ ଠିକ୍ ସମୟରେ ଘରେ ନପହଞ୍ଚିଲେ ତା'ର କୈଫତକୁ ଅଣଦେଖା କରି ମାଡ଼ ହିଁ ତା'ର ପ୍ରାପ୍ୟ ଥିଲା ।ମାସ ଶେଷକୁ ମିଳୁଥିବା ଟଙ୍କା ଠିକ୍ ଠିକ୍ ରଘୁ ହାତରେ ଦେବାକୁ ନିର୍ଦ୍ଦେଶ ଥିଲା ।କୌଣସି ସ୍ୱାଧିନତା ନଥିଲା ରୂପାର ।

କାରଖାନାରେ ଧିରେ ଧିରେ ସହକର୍ମୀଙ୍କ ସହିତ ପରିଚୟ ହେଲା ରୂପାର ଏବଂ ତା' ସହିତ ରଘୁ ମନରେ ରୂପା କୁ ନେଇ ସନ୍ଦେହ ଧିରେ ଧିରେ ବସା ବାନ୍ଧୁଥିଲା । ରଘୁ ବିଷୟରେ ଅବଗତ ଥିବା ଅନେକ ସହକର୍ମୀ ରୂପାର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରି ନିରାଶ ହେବାରୁ, ସେଇମାନେ ହିଁ ରଘୁ ମନରେ ରୂପା ପ୍ରତି ସନ୍ଦେହର ମଞ୍ଜି ପୋତି ଦେଇଥିଲେ ।

ରୂପା ବହୁତ ବୁଝାଇଲା ପରେ ମଧ୍ୟ, ରଘୁ ର ମନ ବୁଝୁନଥିଲା କିମ୍ବା ତା'ର ନିର୍ଯ୍ୟାତନା କମୁନଥିଲା । ରୂପା ବାଧ ହୋଇ ଶେଷକୁ କାମ ଛାଡ଼ିଦେବ ବୋଲି ଯେଉଁ ଦିନ କହିଲା, ସତେକି ସେଦିନ ଜଘନ୍ୟ ଅପରାଧ କରି ପକେଇଲା !

କି ଆସ୍ପର୍ଦ୍ଧା ! ରଘୁ ମୁହଁରେ କଥା କହିଲା ସାମାନ୍ୟ ମାଇକିନା ଟା ! ଗୋଟିଏ ଗୋଇଠା ରେ ରୂପା ହେମୁଡେଇ ପଡିଗଲା ପିଣ୍ଡା ତଳକୁ ।କାଠ ଫାଳିଆଟେ ଆଣି ସେକି ଦେଇଗଲା ମୁଣ୍ଡରୁ ପାଦ ଯାଏଁ ।ଥାନ ଅଥାନ କିଛି ମାନିଲାନି ।ଦେହ ହାତରେ ନୋଳା ଫାଟି ଯେଉଁ ରକ୍ତ ଜକେଇ ଆସିଥିଲା ରୂପା ସହି ନେଇଥାନ୍ତା, ହେଲେ ଅନ୍ତଃଫାଡି ଯେଉଁ ରକ୍ତ ବୋହି ଆସିଲା ସେଥିରେ ତା'ର ମା' ହେବାର ସୌଭାଗ୍ୟ ନଷ୍ଟ ହୋଇଗଲା ।

ମଦ ନିଶାରେ ଚୁର ରଘୁ ନିଜର ପୁରୁଷପଣିଆ ଦେଖାଇ ସାରି ଆଉ ଥରେ ବୋଧହୁଏ ଭାଟି ମୁହାଁ ହେଲା ।ସେଇ ଅନ୍ଧାର ରାତିରେ ରୂପା ବି ନିଜକୁ କୌଣସି ମତେ ଗୋଟେଇ ନେଇ ସବୁଦିନ ପାଇଁ ଘର ଛାଡି ଦେବାକୁ ସିଦ୍ଧାନ୍ତ ନେଲା ।ପଛରେ ରହିଗଲେ ରଘୁର ଘର ଏବଂ ପିଲାଦୁହେଁ ।

କାରଖାନା ଯିବା ଆସିବା ଭିତରେ କେତକୀ ସହିତ ରୂପାର ପରିଚୟ ହୋଇଥିଲା ଏବଂ ଘନିଷ୍ଠତା ମଧ୍ୟ ବଢ଼ି ଯାଇଥିଲା । ସେ ବି ତା ପରି ଖୁବ୍ ଦୁଃଖିନୀ । ସ୍ୱାମୀ ମରିଗଲା ପରେ, ସେ ବି ସେଇ କାରଖାନାରେ କାମ କରୁଥିଲା । ନାରୀଟିଏ ନାରୀ ଦୁଃଖ କଥା ବୁଝିପାରେ । ରୂପା କୁ ସେ ଖୁବ ଆଦରରେ ଘରେ ରଖିଲା । କିଛି ଦିନ ଭିତରେ ଟିକେ ସୁସ୍ଥ ହୋଇ ରୂପା ପୁଣି କାମକୁ ଯିବା ଆରମ୍ଭ କରିଦେଇଥିଲା ।

ରୂପା କାମକୁ ଆସୁଛି ବୋଲି ରଘୁ ପାଖରେ ଖବର ପହଞ୍ଚିଯାଇଥିଲା କିଛି ଦିନ ମଧ୍ୟରେ । ରଘୁ ପ୍ରଥମ ଥର ପାଇଁ ଆସି ନିଜର ଭୁଲ ପାଇଁ କ୍ଷମା ମାଗିଥିଲା । ହେଲେ ରୂପା ଦୃଢତାର ସହିତ ପ୍ରତ୍ୟାଖ୍ୟାନ କରିଥିଲା ରଘୁ କୁ । କେତେଥର ଆସି ,ଫେରିବା ପରେ ସେ ଆଉଥରେ ବାହାହେବ ବୋଲି ଧମକ ଦେଇ ଗଲା ।ଏହା ମଧ୍ୟରେ ଦୁଇ ତିନି ମାସ ଗଡିଯାଇଥିଲା ।

ହଠାତ୍ ସମସ୍ତଙ୍କୁ ଆଚମ୍ବିତ କରି କେତକୀକୁ ମନ୍ଦିରରେ ବାହା ହୋଇ ଘରକୁ ନେଇଗଲା ରଘୁ । ସାଥିରେ ଥିଲା ପୁଣି କେତକୀର ଦୁଇ ବର୍ଷର ପୁଅ । କେତକୀ ତା ପୁଅର ଭବିଷ୍ୟତ ପାଇଁ ଯାହା କରିଛି, ଠିକ୍ କରିଛି ବୋଲି କେହି କେହି ଟିପ୍ପଣୀ ଦେଲେ । ହେଲେ ରୂପା ଥିଲା ନିର୍ବିକାର ।

କେତକୀ ଆଉ ରଘୁ ର ସଂସାର ଖୁବ୍ ସୁନ୍ଦର ଭାବରେ ଆଗେଇ ଚାଲିଛି ବୋଲି ରୂପା କାନକୁ ଆସୁଥିଲା । କେତକୀ ଅନେକ ଟଙ୍କା ପଇସା ଧରି ଯାଇଛି ବୋଲି ରଘୁ ଆଉ ଆଗପରି ହିଂସ୍ର ରୂପ ଧାରଣ କରୁନାହିଁ ବୋଲି ରୂପା କୁ ଶୁଣେଇ ଶୁଣେଇ କହୁଥିଲେ ସହକର୍ମୀ ମାନେ । କେହି କେହି କହୁଥିଲେ ରଘୁର ଆଗର ଔଜ୍ଜଲ୍ୟ ନାହିଁ ।

କେତକୀର ଦେହ ଭଲ ନାହିଁ ବୋଲି କେତେ ଦିନ ଧରି କାମକୁ ଆସୁନାହିଁ ବୋଲି ଖବର ପାଇଲା ରୂପା । ତୁଣ୍ଡ ବାଇଦ ସହସ୍ର କୋଷ । କେତକୀର ରକ୍ତରେ କ'ଣ ରୋଗ ହୋଇଛି ବୋଲି କୁହାକୁହି ହେଉଥିଲେ ସମସ୍ତେ । ଯେଉଁ ରୋଗ କଥା କେତକୀର ସ୍ୱାମୀ ସମସ୍ତଙ୍କୁ ଲୁଚାଇଥିଲା, ସେଇ ରୋଗରେ ଏବେ କେତକୀ ପୀଡିତା ବୋଲି କାରଖାନା ସାରା କଥା ବ୍ୟାପୁଥିଲା । ରୂପା ମନଦୁଃଖ କଲା । ଯାହା ହେଲେ ବିପଦରେ ସେ ତାକୁ ସାହାରା ଦେଇଥିଲା !

ଠିକ୍ ଦୁଇ ତିନି ମାସ ପରେ ରୂପା କାନରେ ବାଜିଲା ଆଉ ଗୋଟିଏ କଥା । ରଘୁ ବି ସେଇ ରୋଗରେ ଏବେ ପୀଡିତ । ରଘୁ ର ଆଗର ସେ ପରାକ୍ରମ କାହିଁକି ନାହିଁ ବୋଲି ରୂପା ଜାଣି ସାରିଥିଲା । ଏଚ୍.ଆଇ.ଭି ରୋଗର ଭୂତାଣୁ ରଘୁ ଏବଂ କେତକୀ ଦେହରେ ଅଛି ବୋଲି ପରୀକ୍ଷାରୁ ଜଣା ପଡି ଯାଇଥିଲା । କାରଖାନାରେ କାମ କରି ରଘୁ ଓ କେତକୀ ଙ୍କ ତିନି ପିଲାଙ୍କୁ ଖୁବ୍ ସ୍ନେହ ଶ୍ରଦ୍ଧାରେ ବଢ଼ାଉଥିଲା ରୂପା । ସେମାନେ ଯେ ବାପା ମା ଛେଉଣ୍ଡ ଅଛ କେତେଦିନ ଭିତରେ ଭୁଲି ଯାଇଥିଲେ ସମସ୍ତେ ।

'ରୂପା ଏକ ବିରଳ ଦୃଷ୍ଟାନ୍ତ' - ପ୍ରତ୍ୟେକ ସମ୍ବାଦ ରେ ଶିରୋନାମା ପାଲଟି ଯାଇଥିଲା । ସରକାରୀ ଓ ବେସରକାରୀ ସଂସ୍ଥାରୁ ରୂପା ଆଉ ତା ପାଳିତ ପିଲାମାନଙ୍କ ପାଇଁ ସହାୟତା ଓ ସହାନୁଭୂତିର ସୁଅ ଛୁଟିଥିଲା !

ରଘୁ ଭଳି ଲୋକଙ୍କୁ ଭଗବାନ ଯେ ନିଶ୍ଚୟ ଶାସ୍ତି ଦିଅନ୍ତି, ବୈଦୁତିକ ଗଣମାଧ୍ୟମ ଆଗରେ ରୂପା ତା'ର ମନ୍ତବ୍ୟରେ କହି ଦୁଇ ଟୋପା ଲୁହ ଝରେଇ ଥିଲା ଯାହା... ! ! ! !

*କୁଞ୍ଜବିହାରୀ ଲେନ, କଟକ*

## ଢ଼ଳନ୍ତି ଠାକୁର



ନିରଞ୍ଜନ ସାହୁ

ସେଦିନ ମ୍ୟୁନିସପାଲିଟିର ମିନି ଷ୍ଟାଡିୟମରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଥିଲା । ତେଣୁ ମିନି ଷ୍ଟାଡିୟମ ଥିଲା ଲୋକାରଣ୍ୟ । କେବଳ ଫାଇନାଲ ମ୍ୟାଚ୍ ଦେଖିବାକୁ ଲୋକାରଣ୍ୟ ହୋଇଥିଲା ଭାବିବାଟା ବୋଧହୁଏ ସମୀଚିନ ହେବନାହିଁ । କାରଣ ଏହିଦିନ ମିନି ଷ୍ଟାଡିୟମ ଖୁବ ସୁନ୍ଦର ଭାବରେ ସାଜସଜ୍ଜା ହେବା ସହିତ ଚିୟର୍ସ ଗାର୍ଲମାନଙ୍କର ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ ଖେଳର ମାହାଲଟାକୁ ସରଗରମ କରି ତୋଳିଥିଲା । ଡ଼ିଜେ ସାଉଣ୍ଡର ତାଳେ ତାଳେ ଝୁମୁଥିଲେ ଦର୍ଶକ । ଛକା ଚଉକାର ତାଳେ ତାଳେ ଆନନ୍ଦରେ ତାଳିମାରି ଡେଉଁଥିଲେ ଦର୍ଶକ । ଏପରିକି ,ହାଟ୍ରିକ ଛକା , ଚଉକା ଅବା ଉଇକେଟ ପିଛା ଏତେ ଟଙ୍କା ପୁରସ୍କାର ମିଳିବ ବୋଲି ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନର ନାମ ଘୋଷଣା ଚାଲିଥାଏ । ଯେଉଁ ଦର୍ଶକ ଯେଉଁ ଦଳକୁ ସମର୍ଥନ କରୁଥିଲେ ସେମାନଙ୍କ ସଫଳତାରେ ଏମାନେ ଖୁବ ଉତ୍ସୁକତା ପ୍ରକାଶ କରୁଥିଲେ । ତେବେ ଖେଳର ହାରଜିତ ନିର୍ଣ୍ଣାୟକ ମୋଡ଼ରେ ଥିବା ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଓଡ଼ିଆ ସିନେମା ଷ୍ଟାର , ସ୍ଥାନୀୟ ରାଜନେତା , ବିଧାୟକ , ସାଂସଦ , ମନ୍ତ୍ରୀ , ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀମାନଙ୍କୁ ଟୁର୍ଣ୍ଣାମେଣ୍ଟର କର୍ମକର୍ତ୍ତାମାନେ ଆମନ୍ତ୍ରଣ ଜଣାଇଥିଲେ । ଅପରାହ୍ଣ ଚାରିଟା ସୁଦ୍ଧା ସେମାନଙ୍କୁ ପ୍ରସେସନ କରି ମିନି ଷ୍ଟାଡିୟମର ମଞ୍ଚ ନିକଟରେ ଉପସ୍ଥିତ କରାଇ ସେମାନଙ୍କୁ ଯଥା ଆସନରେ ଉପବେଶନ କରାଇ ଖେଳର ଶେଷ କେତୋଟି ଓଭର ଦେଖିବା ପାଇଁ ସୁଯୋଗ ଦିଆଯାଇଥଲା । ତେବେ ସେମାନଙ୍କ ଚାରିଚକିଆ ଗାଡିଗୁଡିକ ରଖିବା ପାଇଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ୟବସ୍ଥା କରାଯାଇଥଲା । ସେଠାରୁ ଅତିଥିମାନଙ୍କୁ ପ୍ରସେସନ କରି ପାଛୋଟି ଆଣି ସଭାମଞ୍ଚ ଉପରେ ଉପବେଶନ କରାଇଥିଲେ ଆୟୋଜକମାନେ ।

ଖେଳ ସରିଯିବା ପରେ ମିନି ଷ୍ଟାଡିୟମରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଚାଲିଥିଲା । ଆତସବାଜିରେ ପ୍ରକମ୍ପିତ ହେଉଥିଲା ଚତୁର୍ଦ୍ଦିଗ । ନେତାମାନଙ୍କର ଭାଷଣ , ଅଭିନେତାଅଭିନେତ୍ରୀଙ୍କର ସଂଳାପ ଓ ନୃତ୍ୟ ପରିବେଷଣରେ ଦର୍ଶକମାନେ ଆନନ୍ଦରେ ଅଧିର ହୋଇ ପଡୁଥିଲେ । ଦର୍ଶକଙ୍କ ହୋ ହାଲ୍ଲା ତଥା ବିଜୟୀ ଦଳଙ୍କ ହିପିହିପି ହୁରରେ କମ୍ପମାନ ହେଉଥିଲା ସମଗ୍ର ଷ୍ଟାଡିୟମ । କ୍ରମେ ସନ୍ଧ୍ୟା ସମୟ ଉପନୀତ ହେବା ସହିତ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା ପରେ ସମସ୍ତ ଅତିଥିଗଣ ବ୍ଲକ କାର୍ଯ୍ୟାଳୟ ପରିସରକୁ ଆସିଥିଲେ । ସେଠାରେ ସେମାନଙ୍କ ପାଇଁ ଅତିଥି ଚର୍ଚ୍ଚା ବ୍ୟବସ୍ଥା ହୋଇଥିଲା । ଏହାଛଡା ସେମାନଙ୍କର ଗାଡିଗୁଡିକ ଏହିଠାରେ ଥିବାରୁ ସେମାନେ ଏଠାରୁ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ତେଣୁ ଏତେ ସବୁ ଭିଆଇପି ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ଦୃଷ୍ଟିରୁ ପୁଲିସ ବିଭାଗ ପକ୍ଷରୁ କଡା ସୁରକ୍ଷା ବଳୟ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ପରିସରକୁ ରଖାଯାଇଥିଲା । ଯେପରି କୌଣସି ପ୍ରକାର ଅଘଟଣ ନ ଘଟେ ସେଥିପାଇଁ ମଧ୍ୟ ପୁଲିସ ବିଭାଗ ସତର୍କ ଦୃଷ୍ଟି ରଖିଥିଲା । ସେଦିନ ସନ୍ଧ୍ୟା ସମୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଶ୍ରୀଗଣେଶଙ୍କ ମନ୍ଦିରରେ ସନ୍ଧ୍ୟା ଆଳତି କରିବା ପାଇଁ ପୂଜକ ମହାଶୟ ଚିରାଚରିତ ଢଙ୍ଗରେ ନିଜର ସାଇକେଲ ଖଣ୍ଡିକ ଚଢ଼ି ପହଞ୍ଚିଥିଲେ ସବୁଦିନ ଭଳି । ମାତ୍ର ସେଦିନ ତାଙ୍କୁ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ବ୍ଲକ କାର୍ଯ୍ୟାଳୟ ଭିତରକୁ ଯିବାକୁ ଅନୁମତି ଦେଇନଥିଲେ । ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସମାନେ ମଧ୍ୟ ପୂଜକ ମହାଶୟଙ୍କର ପରିଚିତ ଥିଲେ ବି ସେମାନେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଇ ପୂଜକ ମହାଶୟଙ୍କୁ ବାହାରେ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ପୂଜକ ମହାଶୟ ସେମାନଙ୍କୁ ଯେତେ ନେହୁରା ହୋଇ ବୁଝାଇଲେ ମଧ୍ୟ ପୁଲିସ ବାବୁମାନଙ୍କ ଉପରେ ତାହାର କିଛି ପ୍ରଭାବ ପଡିନଥିଲା । ସନ୍ଧ୍ୟା ଗଡି ଯାଉଥିବା ଦର୍ଶାଇ ଠାକୁରଙ୍କ ନୀତିରେ ବିଭ୍ରାଟ ନ କରିବାକୁ ଯେତେ ଅନୁରୋଧ କଲେ ବି ପୁଲିସ ବାବୁମାନେ ସମ୍ପୂର୍ଣ୍ଣ ନାଚାର ବୋଲି କହି ପୂଜକ ମହାଶୟଙ୍କ ଶେଷ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ।

ଶେଷରେ ପୂଜକ ମହାଶୟ ସମ୍ପୂର୍ଣ୍ଣ ନିରାଶ ହୋଇ ସେହିଠାରେ ଶ୍ରୀଗଣେଶ ଠାକୁରଙ୍କ ଉଦ୍ଦେଶ୍ୟରେ ହାତଯୋଡି ମୁଣ୍ଡିଆ ମାରି ସାଇକେଲ ବୁଲାଇ ନିରବରେ ଫେରିଥିଲେ । ବ୍ଲକ ଗେଟ ସାମ୍ନାରେ ଥିବା ଲୋକମାନେ ଏହି ଦୃଶ୍ୟକୁ ଖୁବ ଉପଭୋଗ କରୁଥିଲେ । ସବୁ ଜାଣିଶୁଣି ଅଜଣା ଭଳିଆ ' କ'ଣ ଆଜ୍ଞା , ଫେରି ଆସିଲେ ' କହି ପୂଜକ ମହାଶୟଙ୍କ ଠାରୁ କିଛି ଶୁଣିବାକୁ କାନଡେରି ମଜା ଉଠାଉଥିଲେ । ପୂଜକ ମହାଶୟ ଭାରି ମନଦୁଃଖରେ ସମସ୍ତଙ୍କୁ କହୁଥିଲେ , ' ଆଜିକାଲିର ଯୁଗରେ ଏହିମାନେ ତ ଚଳନ୍ତି ଭଗବାନ । ଏମାନଙ୍କୁ ଆପ୍ୟାୟିତ କରି ସନ୍ତୁଷ୍ଟ କରିପାରିଲେ ସେମାନଙ୍କ କୃପାରୁ ତତକ୍ଷଣାତ ଭାଗ୍ୟ ବଦଳି ଯିବାର ଅନେକ ଉଦାହରଣ ରହିଅଛି । ଏମାନଙ୍କର ଅହେତୁକ ଅନୁଗ୍ରହରେ ଅଚାନକ ଫଳପ୍ରାପ୍ତି ହେବା ସହ ସେମାନଙ୍କର ଆକ୍ରୋଶର ଶିକାର ହେଲେ ଅଚାନକ ଦୁର୍ଭାଗ୍ୟ ସମୁଦ୍ର ଜୁଆର ପରି ମାଡି ଆସିବାର ସମ୍ଭାବନା ଥିବାରୁ ସେମାନଙ୍କୁ ସନ୍ତୁଷ୍ଟ କରାଇବା ଉଚିତ କର୍ତ୍ତବ୍ୟ ଅଟେ । ତାହା ନ କରି ଏ ପଥର ତିଆରି ଠାକୁରଙ୍କ ସେବା କଲେ କେଉଁ ଫଳ ମିଳିବ ଯେ ? ଏମାନେ ସଙ୍ଗେସଙ୍ଗେ ବର ଦେବେ ନା ସାହାଯ୍ୟ କରିପାରିବେ ? ତେଣୁ ଚଳନ୍ତି ଠାକୁରମାନଙ୍କର ସେବା ସର୍ବପ୍ରଥମେ ହେବା ଦରକାର ।'

ପୂଜକ ମହାଶୟ ଗଭୀର ମାନସ୍ତାପରେ ସ୍ୱଗୃହ ଅଭିମୁଖେ ଫେରୁଥିଲେ । କିଛି ସମୟ ପରେ ଅତିଥିମାନେ ସେମାନଙ୍କ ଯାନବାହନ ଦ୍ୱାରା ସ୍ୱସ୍ଥାନ ଲେଉଟାଣି ଆରମ୍ଭ କରିଥିଲେ । ସହର ସାରା ସେଦିନ ଉକ୍ତ କାର୍ଯ୍ୟକ୍ରମ ବାବଦରେ ସରଗରମ ଆଲୋଚନା ଚାଲିଥିଲା । ସହର ସାରା ସେଦିନ ସବୁଦିନ ପରି ଷ୍ଟ୍ରିଟ ଲାଇଟଗୁଡିକ ଜଳୁଥିଲା । ବଜାରଗୁଡିକରେ ଥିବା ଦୋକାନ ଗୁଡିକ ରଙ୍ଗୀନ ଆଲୋକ ମାଳାରେ ସୁନ୍ଦର ଦିଶୁଥିଲେ । ମାତ୍ର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଶ୍ରୀଗଣେଶଙ୍କ ମନ୍ଦିରରେ ବିଜୁଳି ବତୀ ଜଳୁନଥିଲା କି ଠାକୁରଙ୍କ ସାମ୍ନାରେ ସନ୍ଧ୍ୟା ଦୀପ ଜଳୁନଥିଲା । ମନ୍ଦିର ଭିତରେ ଥିବା ଶ୍ରୀଗଣେଶଙ୍କ ବିଗ୍ରହ ବୋଧହୁଏ ଏହି ଚଳନ୍ତି ଠାକୁର ମାନଙ୍କର ଗତିବିଧି ଦେଖି ନିଜର ପାରିବା ପଣିଆକୁ ଧିକ୍କାର କରି କହୁଥିଲେ ,' ସିଏ ତ ସ୍ୱୟଂ ନିଜର ମନ୍ଦିରରେ ନିଜ ପାଇଁ ଆଲୋକ ଜାଳିବାକୁ ଅକ୍ଷମ । ଏତେବଡ ଦେଶଦୁନିଆ ଚଳାଇବାକୁ ସେ ସକ୍ଷମ ହେବେ କିପରି ? '

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ
ମୋ : ୯୯୩୮୭୪୧୫୮୩

## ପଞ୍ଚତତ୍ତ୍ୱ

*ରତ୍ନକାନ୍ତି ମିଶ୍ର*



ମାଟି:
ଯେଉଁଠି ନିଦ ମାଡୁଛି ଶୋଇପଡ
ପିଠିତଳ ମାଟି ଅରାକ ହିଁ
ସୁଖର ବିଛଣା
ଜନ୍ମ ରୁ ମୃତ୍ୟୁ ଯାଏ
ତା କୋଳ ଝୁଲଣା
ତାକୁ ସତର୍କରେ ସାଇତି ରଖିଥା
କାଲି ଆଉଜଣେ ହୁଏତ
ଶୋଇବ ସେଇଠି... ! ! !
ପାଣି:
କାରଖାନା ଶୋଷିଲା
ଜମି ବି ଶୋଷିଲା
କାହା ଶୋଷ କେମିତି ମେଣ୍ଟିବ
ସମୟ ଦରକାର ଭାଗ ବଣ୍ଟା କୁ
ଜଳ ବିବାଦ କାହିଁ କେତେ କାଳୁ
ସବର୍ଣ୍ଣ ଅସବର୍ଣ୍ଣ ମଧ୍ୟରେ
ରାଜ୍ୟ ରାଜ୍ୟ ମଧ୍ୟରେ
ତେଜି ଉଠିବ ପୁଣି ଭୋଟ ବେଳକୁ
ପବନ:
କାମରେ ଲାଗିଯା'
ପବନର କୋମଳ ପଣତ
ପୋଛି ଦେବ ସବୁ ସ୍ୱେଦ
ସାଉଁଳି ଦେବ ତୋ' ମଥାକୁ
ସାଉଁଟି ନେବ ତୋ ଥକକାପଣକୁ
ନିଃଶ୍ୱାସ ଭରିଦେବ
ତୋ ଦମ୍ଭିଲା ଛାତିରେ
ଅଧୁରା କାମ ତୋ ପୁରା କରିବାକୁ.. ! !
ନିଆଁ:
କାଠିଟେ ଜାଳି ଦେ
ଜଳିଯିବ ଘର
କାଠି ବି ଲିଭାଇ ପାରିବ
ଘରର ଯେତେକ ଅନ୍ଧାର
ମନ ବା ବିବେକ ରେ ବାଛି ନେ
କେଉଁ କାମଟା ହେବ ତୋର
କାଠି ତ ନିମିତ୍ତ ମାତ୍ର
ପ୍ରକଟିତ ହେବ ତୋ ଚିନ୍ତା
ଚେତନାର.. ! !
ଆକାଶ:
ଆକାଶରୁ ଝରୁଥିବା ସୁନେଲି ରେଣୁ
ଅବା ବର୍ଷା ବିନ୍ଦୁ
ତୋ ଜୀବନର ଅଁଶଟେ ହୋଇଛି
ଆକାଶ ପରି ବିଶାଳ ହୃଦୟର
ପରିପ୍ରକାଶରେ
*ତୋ ଜୀବନର ସାର୍ଥକତା ଅଛି*

*ଆଳି, କେନ୍ଦ୍ରାପଡା*

## ଏମିତିକା ଏଯେ ଖରା

***ରାହାସ କୁମାର ବେହେରା***

ଏମିତିକା ଏଯେ ଖରା
ଗଛ ବୃଛ ସବୁ ଝାଉଁଳି ଗଲାଣି
ଶୁଖିଯାଏ ସସାଗରା ।
ବଇଶାଖୀ ଝାଂଜି ବହେ
ରହିହେଉନାହିଁ ଘରକି ବାହାରେ
ଗୁଲୁଗୁଳି ଦେହ ସହେ ।
ଶୁଭେ କଳରୋଳ ରଡି
ପାଣି ଟୋପେ ପାଇଁ କାଉଲୁ ବାଉଲୁ
କୂଅ ପାଖେ ଭିଡାଭିଡି ।
ବାଟୋଇ ଯେ କଳବଳ
ଗାଆଁରୁ ସହର ଛାଇଟିକେ ନାହିଁ
ଚାହିଁ ରହି ବଲ ବଲ ।
ଦେଖ ପଶୁ ପକ୍ଷୀ କୀଟ
ଶୁଷ୍କ ପରିବେଶେ ହାଲିଆ ମାଲିଆ
ପାଉଛନ୍ତି ନାନା କଷ୍ଟ ।ଜଳହୀନ ନଈ ନାଳ
ନିଦାଘ କାଳଟି ପ୍ରବଳ ହେଲାଣି
ବଂଚିବାଟା ହୁଏ କାଳ ।
ଚାରିଆଡେ ହାହାକାର
ଅସରାଏ ମେଘ ବରଷି ଯାଆନ୍ତାଜୀବନ
ଧରନ୍ତା ଘର ।

*ବାଲ୍ୟମ୍ବା,ଭାପୁର*
*ଢେଙ୍କାନାଳ :୭୫୯୦୧୫*
*ମୋ: ୯୪୩୮୧୧୪୩୬୮*

## ପୋଖରୀ ନାଁ ପାଣିଚୁଆ

*ସୁନୀଲ କୁମାର ପ୍ରଧାନ*



ଏହି ପୋଖରୀରେ ଦୁଇଗୋଟି ଗାଆଁ
କରିଥାନ୍ତି ଯେ ନିର୍ଭର
ନିତ୍ୟ ବ୍ୟବହାର ହୋଇଥାଏ ଜଳ
ସ୍ନାନ କାର୍ଯ୍ୟରେ ସତ୍ୱର ।
ବିରାଟକାୟ ଯେ ବୃକ୍ଷ ସେ ରହିଛି
ବର ଗଛ ତାର ନାମ
ବାଟଇକୁ ଛାଇ ଦେଉଥାଏ ସିଏ
ପ୍ରଚୁର ଅମଳଯାନ ।
ଗାଁ ଚାଷ ଜମିକୁ ଜଳ ସେ ଯୋଗାଏ
ପଡେ ଯେବେରେ ଅଭାବ
ଆଜି ପୋଖରୀରେ ପାଣି ଟୋପେ ନାହିଁ
ଖନନ କେବେରେ ହେବ ।
ସରକାରୀ ଅଫିସର ଯଦି ଭାଇ
ଦେବେ ଏହା ପ୍ରତି ଲୟ
ଜଳର ଅଭାବ ଦେଖା ଦେବନାହିଁ
ଖନନ କଲେ ନିଶ୍ଚୟ ।
ବହୁ ପଶୁ ପକ୍ଷୀ ଜଳ ପିଇବାକୁ
ଆସୁଥାନ୍ତି ପାଣିଚୁଆ
ଏବେ ଆଉ କାହିଁ ଦେଖା ଦିଏ ନାହିଁ
ଡହଳ ବିକଳ ରାହା ।

*ଝାଟିପଦର, ପାଲୁର,ଗଞ୍ଜାମ*
*ମୋ - ୭୬୦୯୯୩୪୩୬୬*

## ଶିଥିଳ ବନ୍ଧନ

*ସୁଧାକର ରାଉତ*



ନୂତନ ସଂସାର ଗଢିବା ପାଇଁକି
ମନେ ଭରିଥିଲୁ ଆଣ୍ଟ
ବନ୍ଧନ ଶିଥିଳ ହେବାରୁ ଭାଙ୍ଗିଲା
ଦୃଢ଼ ଦାମ୍ପିକତା ଖୁଣ୍ଟ ।
ଦ୍ୱିଧାଗ୍ରସ୍ତ ମନେ ଭବିଷ୍ୟତ କର୍ମ
ମନେ ମନେ କରୁ ସ୍ଥିର
ଦାମ୍ପତ୍ୟ ଜୀବନ ସଂଜ୍ଞା ବୁଝୁବୁଝୁ
ସବୁହେଲା ଚୂରମାର ।
ନିଜର ଆତ୍ମବିଶ୍ୱାସ ଚୋରାବାଲି
ପାଦତଳୁ ଯାଏ ଖସି
ଅବସାଦ ଗ୍ରସ୍ତ ଜୀବନେ ତୋହର
ଲୁଚିଯାଏ କାହିଁ ଖୁସି ।
ଚରିତ୍ର ଅତୁଟ ରଖିବାକୁ ଯାଇ
ଆଶା ବିଶ୍ୱାସର ସୀମା
ଲୁହା ପଞ୍ଜୁରୀ ଆବଦ୍ଧ ପକ୍ଷୀ ପରି
ଦିଏନି ନିଜକୁ କ୍ଷମା ।
ମୃତ୍ୟୁ ଅନିବାର୍ଯ୍ୟ ଜାଣି ହଳାହଳ
ପିପାସା ନହୁଏ ଅନ୍ତ
ଆଶା ବୈତରଣୀ କଳେବର କୂଳ
ଖାଇ ନ ହୁଅଇ କ୍ଷାନ୍ତ ।
ଆତ୍ମ ବିଶ୍ଳେଷଣ କଲେ ତୁ ଜାଣିବୁ
ନିରାଶା ଅନ୍ଧାରେ ବୁଡି
କେହି ରହି ନାହିଁ ବିଶାଳ ଧରାରେ
ଅଲୋକ ସ୍ପର୍ଶ ନା ସ୍ରବି ।

*ପ୍ରତାପ ନଗରୀ ,କଟକ*
*ମୋ-୮୨୪୯୯୩୨୭୯୨*

## ବିରହ ବେଦନା

*ଉତ୍କଳରତ୍ନ କବି କେଶବ ଚନ୍ଦ୍ର ନାୟକ*



ମୁଁ ମାଗିଥିଲି ହସ ଟିକେ ଗୋରୀ
ତୁ ଦେଇ ଗଲୁ ଲୁହର ଝର.....
ମୁଁ କରୁଥିଲି ଅସୀମ ପ୍ରେମ ଲୋ
ତୁ ଭରି ଦେଲୁ ଦୁଃଖ ସାଗର.... ! !
ମୁଁ ସଜାଇଲି ଫୁଲରେ ଫଗୁଣ
କ୍ରୋଧେ ଦଳିଦେଲୁ ପାଦରେ
ତୋର....
ମୁଁ ଦେଖିଥିଲି ସୁନେଲୀ ସପନ
ପୋଡି ଜାଳିଦେଲୁ ସୁଖ ସଂସାର... ! !
ତୁ ଥିଲୁ ମୋର ଆକାଶର ଜହ୍ନ
ଅପଲକେ ଚାହୁଁଥିଲି ଗୋପନେ....
ପରକରି ମତେ କାହିଁ ଗଲୁ ସତେ
ମରୁଛି ବିରହେ ପ୍ରତିଟି କ୍ଷଣେ.... ! !
ମୋ ଭାଗ୍ୟରେ ସତେ ପାଇବାକୁ ତତେ
ବିଧାତା କି ଲେଖି ନାହିଁ କପାଳେ...
ତୁ ସିନା ପ୍ରିୟସୀ ଭୁଲି ଗଲୁ ମତେ
ରହିଛି ତୋ ପଥ ଚାହିଁ
ବ୍ୟାକୁଳେ.... ! !
ଆଜି ମୁଁ ମରୁଛି ବିରହ ଜ୍ୱାଳାରେ
କହିବ କାହାକୁ ବେଦନା ମୋର....
ଏ ଦୁନିଆ ଲାଗେ ଏକା ଏକା ମତେ
ପିଇ ଛଟପଟ ପ୍ରୀତି ଜହର..... ! !

*(ସଭାପତି,ଉତ୍କଳ ସାହିତ୍ୟ*
*ସଂସଦ,ମାଲକାନଗିରି)*
*ମୋନଂ:୯୪୩୭୭୭୯୪୪୭*

## ଗଢ଼ିବାରେ ଆମେ ସୁନା ସଂସାର

*ବାଦଲ ଭୂୟାଁ*

ନମ୍ର ମନରେ ଭେଦ ବିଚାର
ଗଢ଼ିବାରେ ଆମେ ସୁନା ସଂସାର ।।
କାହାରି ପରାଣେ ନ ଦେବା ଦୁଃଖ
ମନେ ପ୍ରାଣେ ଆଣିଦେବା ପୁଲକ ।।
ବିନୟ ବାଣୀରେ ତୋଷିବା ଚିତ୍ତ
ବୁହାଇବା ଆମେ ଆନନ୍ଦ ସ୍ରୋତ ।।
ନ ରଟିବା କେବେ ପରର ଦୋଷ
ହୋଇଥାଉ ସିଏ ଶତ୍ରୁ ଅବଶ୍ୟ ।।
ଦୁଃଖୀଙ୍କ ଦୁଃଖରେ ହୋଇବା ଦୁଃଖୀ
ସୁଖୀଙ୍କ ସଙ୍ଗତେ ହୋଇବା ସୁଖୀ ।।
ନିଜ ସୁଖ ପଛେ ଯିବାନି ଧାଇଁ
ହୋଇଥାଉ ଯେତେ ସଂପଦ ସେହି ।।
ଅଶାନ୍ତି କୋଳରୁ ଉଇଁବ ଚାନ୍ଦ
ଜଗତେ ହସିବ ଶାନ୍ତି କୁମୁଦ ।।
ହିଂସା ଜାତି ଭେଦ ଆପଣା ପର
ଆମ ସଂସାରରୁ କରିବା ଦୂର ।।
ଜୀବନେ ନ ଦେବା ପାପ ଛୁଆଁଇ
କଳଙ୍କ ଆସିଲେ ଦେବା ଦୂରେଇ ।।
ବୁହାଇବା ଆମେ ଏକତା ନଦୀ
ବହିବ ସେ ଜଳ ଅଶାନ୍ତି ଭେଦି ।।
ଅଜାଡ଼ି ଦେବାରେ ଶାନ୍ତି ସଲିଳ
ହସିବେ ଜଗତେ ଜୀବ ସକଳ ।।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
*୪ଜି ପ୍ରତାପ ଆପାର୍ଟମେଣ୍ଟ,*
*୭ ଏକ୍ସଟେନସନ ରୋଡ଼,*
*ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

## ଜୟଗୀତି

*ଆଦ୍ୟାଶା ମହାପାତ୍ର*



ଏଇ ଦେଖ ସୁନାଖରା
ମଧୁଝରା ଛାଇ
ଉଦାସୀ ରାତି ଆଖିରେ
ସ୍ୱପ୍ନ ଦେଖା ନାହିଁ... ! !
ହୃଦ କାନଭାସେ ଅଙ୍କା
ସାଇତା ସପନ
ହସ କାନ୍ଦ ରାଗ ରୁଷା
ମାନ ଅଭିମାନ... ! !
କିଛି ନୁହେଁ ଚିରନ୍ତନ
ସୂର୍ଯ୍ୟ ଉଇଁ ବୁଡେ
ବାଦଲ ବି ଝୁଙ୍କି ଆସି
ମାଟି ଛୁଏଁ ଧୀରେ... ! !
ଭାଙ୍ଗିବାକୁ ହେବ ଯେତେ
ଦୁଃଖର ପ୍ରାଚୀର
ଜନ୍ମ ପରେ ମୃତ୍ୟୁ ସତ୍ୟ
ପ୍ରଣବ ଓଁକାର.. ! !
ଦେଖ ଅନ୍ତର ଆତ୍ମାରେ
ସତ୍ୟଜ୍ଞାନ ଜ୍ୟୋତି
ଛନ୍ଦ ତୋଳେ ଜୀବନର
ଭବ୍ୟ ଜୟଗୀତି... ! !

*ନୂଆପଡା, କଟକ*

## ବର୍ଷା ଓ ପ୍ରିୟା...

*ଲୋପାମୁଦ୍ରା ଜେନା*



ବରଷା ଝରିଲେ ଝିପଝିପି ହୋଇ
ମନରେ ଲାଗଇ ନିଆଁ ,
କଳାମେଘୀ ତୁମ କୃଷ୍ଣ କବରୀରେ
ଶ୍ରାବଣର ରତୁ ଛୁଆଁ ! !
ବରଷା ଝରିଲେ କଦମ୍ବ ପତରୁ
ପାଉଁଜି ତୁମର ବାଜେ ,
ଯମୁନା ବହୁ କି ନ ବହୁ ଉଜାଣି
ତୁମ ଭାବେ ମୁହିଁ ହଜେ ! !
ବରଷା ଝରିଲେ ଆଖି ତୁମ ଲାଗେ
ଛଳ ଛଳ ନୀଳ କଇଁ ,
କବିତା ଧାଡିଏ ଆପେ ଝରିଯାଏ
ପ୍ରିୟା ଗୋ' ତୁମକୁ ଛୁଇଁ ! !
ବରଷା ଝରିଲେ ତୁମେ ଝରୁଥାଅ
ହୃଦୟର ବେଳାପ'ରେ ,
ଏ ବରଷା ସହ କି ସଂପର୍କ ପ୍ରିୟା
କହିଦିଅ ଖୋଲି ଥରେ ! !

## ଅତିଥି ସେବା

***ଜୟନ୍ତ କୁମାର ମଲ୍ଲିକ୍***

ରାତି ପାହିଲେ ସକାଳ ହେଲେ
ସୂରୁଯ ଆସେ ଉଇଁ
ମଙ୍ଗୁଳା ହୋଇ ହଳଦୀ ପକ୍ଷୀ
କେଉଁଠୁ ଆସେ ଧାଇଁ ?
ଗଛରେ ବସେ ଅଣ୍ଟରେ ହସେ
କୁହଇ କଥା ବସି
ଅତିଥି ଆଜି ଆସିବେ ଘରେ
ହୋଇ ଯାଅରେ ଖୁସି ।
ତାଙ୍କରି ସେବା କରିବ ପିଲେ
ନକରି ଦୁଃଖ ମନ
ପାଞ୍ଚ ତିଅଣ ଖାଇଲେ ସିଏ
ବଢ଼ିବ ତୁମ ଧନ ।
ସେବା କରିବ ଖୁସି ମନରେ
ତାଙ୍କ ପାଖରେ ଥାଇ
ତୁମ ପ୍ରଶଂସା ତାଙ୍କ କଣ୍ଠରେ
ଉଠିବେ ଦିନେ ଗାଇ ।
ଭୁଲନି କେବେ ଅତିଥି ସେବା
ମନ ରଖରେ ପିଲେ
ସୁଖ ଦୁଃଖର ସାଥି ସେ ହେବେ
ପାଖରେ ଜାଣ ଥିଲେ ।

*ଶୂରଡିହ,ନନ୍ଦିପୁର, ଯାଜପୁର*
*ଆଳାପ:୯୪୩୭୮୬୫୭୨୭*

## ଦୂର ଆକାଶର ପକ୍ଷୀ

**ପୂର୍ଣ୍ଣଚନ୍ଦ୍ର ବହଳୀ**

ଆଜି ଦୀପାବଳି । କିନ୍ତୁ ରେଣୁକା ଏକଲା । ସମୟ ଥିଲା ଘରେ ହସ ଖୁସି,କାନ୍ଦ, କଳି ଝଗଡା,ଯୁକ୍ତିତର୍କ, କୋଳାହଳ ଲାଗି ରହୁଥିଲା । ପରିପୂର୍ଣ୍ଣ ଲାଗୁଥିଲା ଘର । ହସଖୁସିରେ ସମୟ କଟାଇଦିଅନ୍ତି ରେଣୁକା । ସକାଳ ହେଲାକ୍ଷଣି ହେଉଛି ଛୁଆଙ୍କ ଡାକ ବ୍ରସ କେଉଁଠି, ପେଷ୍ଟ କେଉଁଠି,ମା ଆମ କଲମ କେଉଁଠି, ବହି କେଉଁଠି, ଟାଇ କେଉଁଠି,ବେଳ ହୋଇଗଲାଣି ମାଆ ଜଲଦି ଦିଅ......

ସେ କହୁଥିଲେ ସବୁ କହିବି, ଖୋଜି ଦେବିରେ ବାପ ବ୍ୟସ୍ତ ହୁଅ ନାହିଁ । କେତେବେଳେ ଅତି ବିରକ୍ତି ଲାଗିଲେ କୁହନ୍ତି ଆଚ୍ଛା ତୁମେମାନେ ବଡ଼ ହେଲଣି ନିଜ କାମ ନିଜେ କରି ଶିଖ । ଯଦି ଘର କବାଟ ମେଲା କରି ପିଲାମାନେ ପଳାଉଥିଲେ ଡାକ ପକାଉଥିଲେ ଆରେ ଗଲାବେଳକୁ କବାଟ ବନ୍ଦ କରିଦେଇଯିବ ।

ଆଜି ପୁଣି ଦୀପାବଳି କ୍ଷ କିନ୍ତୁ ଘରେ ସେ ସୁଗନ୍ଧ ନାହିଁ କି ମହକ ନାହିଁ । କେବଳ ନୀରବତା ରାଜ କରୁଛି କ୍ଷସେଇ ଘରଦ୍ୱାର ଅଛି ସବୁ ପରିଷ୍କାର ସଜଡା ହୋଇ ଅଛି । ରେଣୁକା ଆଜି ଏକଲା କ୍ଷପିଲାମାନଙ୍କୁ ଆଉ ସମୟ ନାହିଁ କ୍ଷକେତେବେଳେ କେମିତି ଆସୁଛନ୍ତି ହଁ ଆଉ କିଛି ଖୋଜିବାକୁ ପଡୁନାହିଁ କିମ୍ବା ଘର ସଜାଡିବା ଦରକାର ହେଉନାହିଁ କ୍ଷ ଗଲାବେଳେ କବାଟ ଆଉଜେଇ ଦେଇ ଯାଉଛନ୍ତି । ଏବେ ନିଜ କାମ ନିଜେ କରୁଛନ୍ତି

ଦୁଆର ପାଖେ ଛିଡା ହୋଇ ଶୂନ୍ୟକୁ ଦେଖି ଭାବୁଛନ୍ତି ରେଣୁକା । ଏହି ସମୟରେ ଦୂର ଆକାଶରେ ପକ୍ଷୀମାନେ କଳରବ କରି ଉଡିଗଲେ । ରେଣୁକାକୁ ଲାଗିଲା ଯେପରି ସେମାନେ କହୁଛନ୍ତି ଆମ ସଙ୍ଗେ ଉଡିବୁ ଯଦି ଆ ମାଆ ଏଇ ଦେଖ ଆମେ ସବୁ ନିଜେ ନିଜେ ନିଜ ଡେଣାରେ ଉଡୁଛୁ । ଆଉ କାହାର ଡେଣାର ଆବଶ୍ୟକତା ନାହିଁ । ରେଣୁକାଙ୍କ ଛାତିରେ ଛନକା ପଶିଗଲା ଭଳି ଲାଗିଲା । ଆଖିରେ ଲୁହ । ଏହା ଖୁସିର କି ଦୁଃଖର ସେଇ ରେଣୁକା ହିଁ କହିପାରିବ ।

ମନେ ମନେ କହିଲେ ଆରେ ମୁଁ କାନ୍ଦୁଛି କାହିଁକି । ସେମାନେ କେଉ ? ଖୁସିରେ ଉଡୁଛନ୍ତି । ସେମାନେ ଉଡିବା ପାଇଁ ତ ବହୁ କିଛି କଷ୍ଟ କରିଥିଲି । ସେମାନଙ୍କ ଖୁସିରେ ହିଁ ମୋର ଖୁସି । ମନେ ମନେ କହିଲେ ଯେଉଁଠି ରୁହ, ଯେପରି ରୁହ,ଯେପରି ଉଡ଼ ଖୁସିରେ ରୁହ କ୍ଷମୋର ଆଉ କଣ ବୟସ ଅଛି ଉଡିବାକୁ । ମୋ ପାଇଁ ତ ବିଛଣା ସଜା ହେଲାଣି । ଖାଲି ଡାକରା ଆସିଲେ ଚାଲିଲି । ଘରଭିତରୁ ଯେପରି ଶୁଭିଲା ମାଆ ମାଆ..... । ହଁ ରେ ବାପ ଯାଉଛି...

ପ୍ରକୃତିସ୍ଥ ହେଲେ ରେଣୁକା.. ପିଲାମାନେ ତ ଉଡୁଛନ୍ତି ମାଆ ବୋଲି ଆଉ କିଏ ଡ଼ାକିଲା .. ଓଃ ମନରେ ଭ୍ରମ । ରେଣୁକା ଲୁଗା କାନିରେ ଆଖିରୁ ଲୁହ ପୋଛି କବାଟ ଦେଇ ଘର ଭିତରକୁ ଫେରିଆସିଲେ... ଦୀପାବଳିରେ ଚାରିଆଡେ ଉତ୍ସବ ମୁଖର ଭିତରେ ନିଜ ଘରର ଶୂନ୍ୟତା ରେଣୁକାଙ୍କୁ ବହୁ କଷ୍ଟ ଦେଉଥିଲା....

ଭଦ୍ରକ
ମୋ-୭୯୭୮୩୬୯୨୯୫




# ଜନଜାତି ଅଧ୍ୟୁଷିତ ଅଂଚଳରେ ଗୋଷ୍ଠୀଭିତିକ ଏବଂ ସ୍ୱତନ୍ତ୍ର ସମନ୍ୱିତ କୃଷି ପ୍ରୋତ୍ସାହନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପି.ଏନ): ରାଜ୍ୟର କୃଷକମାନଙ୍କ ଆୟବୃଦ୍ଧି ନିମନ୍ତେ ସମନ୍ୱିତ କୃଷି ଏବଂ ଫସଲର ବିବିଧିକରଣ ଏକ ଫଳପ୍ରଦ ପଦକ୍ଷେପ ଏବଂ ଏହା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି । କୃଷି ସହିତ ଆନୁଷଙ୍ଗିକ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ ଚାଷୀଙ୍କୁ ବର୍ଷସାରା ରୋଜଗାର ଯୋଗାଇବା ସହିତ ଆୟବୃଦ୍ଧିରେ ମହତ୍ୱପୂର୍ଣ୍ଣ ଯୋଗଦାନ କରିଥାଏ । ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଯୋଜନାଗୁଡ଼ିକ ଏକତ୍ର କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । କୃଷି ଭବନଠାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମନ୍ୱିତ କୃଷି, ଫସଲର ବିବିଧିକରଣ ଏବଂ ଜନଜାତି ଅଧ୍ୟୁଷିତ ଜିଲ୍ଲାରେ ସମନ୍ୱିତ କୃଷିକୁ ପ୍ରୋତ୍ସାହନ ପ୍ରଦାନ ଦିଗରେ କାର୍ଯ୍ୟକାରୀ ହେଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ସମନ୍ୱିତ କୃଷି କ୍ଷେତ୍ରରେ ହିତାଧିକାରୀ ଚାଷୀଙ୍କ ଚୟନ ପ୍ରକ୍ରିୟାକୁ ତ୍ୱରିତ ବେଗରେ କରିବା ପାଇଁ କହିଥିଲେ । ରାଜ୍ୟର ୯ଟି ଜନଜାତି ଅଧ୍ୟୁଷିତ ଜିଲ୍ଲା ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି, ନୂଆପଡ଼ା ଏବଂ ମୟୂରଭଞ୍ଜର ୩୦୦ଟି ଗ୍ରାମ ପଂଚାୟତରେ ଗୋଷ୍ଠୀଭିତିକ ଏବଂ ସ୍ୱତନ୍ତ୍ର ସମନ୍ୱିତ କୃଷି ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏଥିରେ ୩୦୦ଟି ଗ୍ରାମପଂଚାୟତର ପ୍ରାୟ ୭୫ ହଜାର ହେକ୍ଟର ଚାଷ ଜମିରେ ଏହି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି । ପ୍ରତି ଗ୍ରାମପଂଚାୟତର ଅନ୍ତତଃ ପକ୍ଷେ ୬୦୦ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ସମୁଦାୟ ୧ ଲକ୍ଷ ୮୦ ହଜାର କୃଷକ ପରିବାର ଉପକୃତ ହେବେ । ଏଥି ସହିତ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ବ୍ୟକ୍ତିଗତ ଯୋଜନାରେ ୪୨୩୮ଟି ସମନ୍ୱିତ କୃଷି ଯୋଜନାର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେହିପରି ଜଳବାୟୁ ପରିବର୍ତନ ଓ ବୃଷ୍ଟିପାତର ଅନିୟମିତତାକୁ ଦୃଷ୍ଟିରେ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ୨୨ଟି ଜିଲ୍ଲାର ଏକ ଲକ୍ଷ ୪୨ ହଜାର ହେକ୍ଟର ଜମିରେ ଅଣଧାନ ଡାଲି, ଚିନାବାଦାମ, ମକା, ରାଶି, ମାଣ୍ଡିଆ, କପା ଓ ବିଭିନ୍ନ ପ୍ରକାରର ଫଳ ଓ ପନିପରିବା ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ବୈଠକରେ ଗତ ତିନିବର୍ଷ ମଧ୍ୟର ବିଭିନ୍ନ ଯୋଜନାରେ ଧାନ ଫସଲରୁ ଅଣଧାନ ଫସଲ ଯଥା: ଡାଲି, ତୈଳବୀଜ, ମାଣ୍ଡିଆ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷ କରାଯାଇଥିବା ଜମିର ପରିମାଣର ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ଫସଲର ବିବିଧିକରଣ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ ବଦଳରେ ଜଳବାୟୁ ସହନଶୀଳ ମାଣ୍ଡିଆ ତଥା ଅନ୍ୟ ଅଣଧାନ ଫସଲ ଚାଷ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଯେଉଁ ଚାଷୀମାନଙ୍କର ସହାୟତା ଅବଧି ଶେଷ ହୋଇଯାଇଛି ସେମାନେ ଯେପରି ଦୀର୍ଘକାଳୀନ ଭିତିରେ ଅଣଧାନ ଚାଷକୁ ପୋଷଣୀୟ ଢଙ୍ଗରେ କରିପାରିବେ ସେ ଦିଗରେ ବିଭାଗ ପକ୍ଷରୁ ତଦାରଖ ଓ ଆବଶ୍ୟକ ସହଯୋଗ ଯୋଗାଇଦେବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ସମନ୍ୱିତ କୃଷି କ୍ଷେତ୍ରରେ ଉଦ୍ୟାନ କୃଷି, ମାଛଚାଷ ଓ ପ୍ରାଣୀପାଳନକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ବୃଷ୍ଟିପୁଷ୍ଟ ଅଂଚଳ ଓ ଜଳସେଚିତ ଅଂଚଳରେ ଜଳବାୟୁ ଓ ମୃତିକାକୁ ଦୃଷ୍ଟିରେ ରଖି ଚାଷକାର୍ଯ୍ୟ ଓ ଆନୁଷଙ୍ଗିକ କୃଷିକାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଭାଗ ପକ୍ଷରୁ ସମନ୍ୱିତ କୃଷି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସଂପର୍କରେ ତଥ୍ୟ ଉପସ୍ଥାପନ କରିବା ସହିତ କ୍ଷେତ୍ରୀୟ ସ୍ତରରେ ଯୋଜନା ରୂପାୟନରେ କୌଣସି ପ୍ରକାରର ଅନିୟମିତତା ଓ ଅବହେଳା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନକୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ସମସ୍ତ ଜିଲ୍ଲାର ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେଇଥିଲେ ।

# ଭୁବନେଶ୍ୱରରେ କନ୍‌ସେନ୍‌ଟ୍ରିକ୍ସ କଷ୍ଟମର ଏକ୍ସପିରିଏନ୍ସ ସେଂଟର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର, (ପି.ଏନ): ବିଶ୍ୱର ଅନ୍ୟତମ ପ୍ରମୁଖ ବୃତିଗତ ସେବା ସଂସ୍ଥା କନ୍‌ସେନ୍‌ଟ୍ରିକ୍ସ ବିପିଓ ଆଜି ରାଜଧାନୀ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଭୁବନେଶ୍ୱରରେ କନ୍‌ସେନ୍‌ଟ୍ରିକ୍ସର ଏହି କଷ୍ଟମର ଏକ୍ସପିରିଏନ୍ସ ସେଂଟର ପ୍ରତିଷ୍ଠା ଫଳରେ ରାଜ୍ୟର ଅର୍ଥନୀତି ଅଧିକ ତ୍ୱରାନ୍ୱିତ ହୋଇପାରିବ ଏବଂ ଯୁବକଯୁବତୀମାନଙ୍କ ପାଇଁ ଉଚ୍ଚ-ବେତନଯୁକ୍ତ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗମାନ ସୃଷ୍ଟି ହେବ । ଦୀର୍ଘ ୧୭ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସମଗ୍ର ବିଶ୍ୱରେ କାର୍ଯ୍ୟ କରିଆସୁଥିବା ଏହି କମ୍ପାନି ହେଉଛି ପୃଥିବୀର ସର୍ବବୃହତ୍ ପେଶାଦାର ସେବା ଯୋଗାଣକାରୀ ସଂସ୍ଥା । ଅଧିକନ୍ତୁ 'ବ୍ରାଣ୍ଡ ଫାଇନାନ୍ସ' ପକ୍ଷରୁ ଏହାକୁ ବିଶ୍ୱର ବଳିଷ୍ଠତମ ତଥା ସର୍ବାଧିକ ମୂଲ୍ୟଯୁକ୍ତ ବାଣିଜ୍ୟିକ ସେବା ବ୍ରାଣ୍ଡ ଭାବେ ସ୍ୱୀକୃତି ମିଳିଛି । ଭାରତ ସମେତ ବିଭିନ୍ନ ଦେଶରେ ଅବସ୍ଥାପିତ ଏହି କମ୍ପାନିର କେନ୍ଦ୍ରଗୁଡ଼ିକ 'ସର୍ବୋତମ କାର୍ଯ୍ୟସ୍ଥଳୀ' ଭାବରେ ତାଲିକାଭୁକ୍ତ ହୋଇପାରିଛି । କନ୍‌ସେନ୍‌ଟ୍ରିକ୍ସ ଭୁବନେଶ୍ୱରରେ କଷ୍ଟମର ଏକ୍ସପିରିଏନ୍ସ ସେଂଟର ପ୍ରତିଷ୍ଠା କରିବାସହିତ ମହିଳା ସଶକ୍ତିକରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟିପାଇଁ ଇତ୍ୟବସରରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହିତ ଏକ ଚୁକ୍ତିନାମା ମଧ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିନାମା ଫଳରେ ବିଶ୍ୱବିଦ୍ୟାଳୟର ପରିସରରେ "କନ୍‌ସେନ୍‌ଟ୍ରିକ୍ସର ଏକ ଦକ୍ଷତା ବିକାଶ କେନ୍ଦ୍ର" ସ୍ଥାପନ କରାଯାଇ ଯୋଗ୍ୟା ଛାତ୍ରୀମାନଙ୍କୁ ବୃତିଗତ ଦକ୍ଷତା ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯାଇ ନିଯୁକ୍ତି ପ୍ରଦାନ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହିତ କନ୍‌ସେନ୍‌ଟ୍ରିକ୍ସ କଷ୍ଟମର ଏକ୍ସପିରିଏନ୍ସ ସେଂଟର ଓଡ଼ିଶାର ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି କ୍ଷେତ୍ରରେ ଖୁବ ସାହାଯ୍ୟକାରୀ ହେବବୋଲି ଉଲ୍ଲେଖ କରିଥଲେ ।

# କେନ୍ଦୁଝର : ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ : ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ହେବ ଆଦର୍ଶ ଗ୍ରାମ

କେନ୍ଦୁଝର, (ପି.ଏନ): ମହାନ ବିପ୍ଳବୀ ଧରଣୀଧରଙ୍କ ୧୫୯ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ୫ତାରିଖ ଶୁକ୍ରବାର ଦିନ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓ ଭୂୟାଁ ସାଂସ୍କୃତିକ ସଂଗଠନ,କେନ୍ଦୁଝର ଏବଂ ଧରଣୀଧର ଆଂଚଳିକ ବିକାଶ ପରିଷଦ କୁସୁମିତା ସହଯୋଗରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିପ୍ଳବୀ ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଗ୍ରାମ ଠାରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି କେନ୍ଦୁଝରର ଅଧ୍ୟକ୍ଷ ଜଗନ୍ନାଥ ନାଏକ ଉଦ୍‌ବୋଧନ ଦେଇ ବିପ୍ଳବୀ ଧରଣୀଧର ଜିଲ୍ଲାର ଗର୍ବ ଓ ଗୌରବ,ସ୍ୱର୍ଦ୍ଧା ଓ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ । ଧରଣୀଧର ଜୟନ୍ତୀ ପାଳନକୁ ପୂଜ୍ୟ ପୂଜାର ମହାନ୍ ପରଂପରା ଭାବେ ଅଭିହିତ କରି ବିପ୍ଳବୀ ଧରଣୀଧରଙ୍କ ତ୍ୟାଗ,ତିତିକ୍ଷା, ସଂଗ୍ରାମ,ଆଦର୍ଶ, ବ୍ୟକ୍ତିତ୍ୱଓନେତୃତ୍ୱ ସବୁବେଳେ ପ୍ରେରଣା ଯୋଗାଉଥିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକ,କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ,ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ,ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ,କେନ୍ଦୁଝର ସଦର ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଜ୍ୟୋତିର୍ମୟୀ ନାଏକ ବକ୍ତବ୍ୟ ପ୍ରଦାନ କରି ଧରଣୀଧରଙ୍କୁ ଅତ୍ୟାଚାରିତ ସମାଜର ତ୍ରାଣକର୍ତା ଭାବେ ବର୍ଣ୍ଣନା କରିବା ସହିତ ଇଂରେଜ୍ ସମର୍ଥିତ ରାଜତନ୍ତ୍ରର ଅନ୍ୟାୟ,ଅନୀତି,ବେଠି,ବ୍ୟଭିଚାର ଏବଂ ପ୍ରଜାବିରୋଧି ଶାସନ ବିରୋଧରେ କିପରି ଆଦିବାସୀମାନଙ୍କୁ ସଂଗଠିତ କରି ବିପ୍ଳବ କରିଥିଲେ ତାହା ଅବତାରଣା କରିଥିଲେ । ଜନଜାତିମାନଙ୍କର ବିକାଶ ସହିତ ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଅଂଚଳର ସାମଗ୍ରିକ ବିକାଶ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ନିଜ ଅଭିଭାଷଣରେ ଧରଣୀଧରଙ୍କ ସ୍ୱାଭିମାନଓଆଦର୍ଶର ଗାରିମା ଉପରେ ଆଲୋକପାତ କରିଥିଲେ । ଜିଲ୍ଲାର ଜନଜାତି ବର୍ଗର ଜନସାଧାରଣ,ଛାତ୍ରଛାତ୍ରୀ ଓଯୁବକ ଯୁବତୀମାନଙ୍କର ବିକାଶ, ଶିକ୍ଷାନୁଷ୍ଠାନମାନଙ୍କର ବିକାଶ,ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଅଂଚଳର ବିକାଶ ପାଇଁ ନିଆଯାଉଥିବା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଡି.ଏମ୍.ଏଫ୍.ସହଯୋଗରେ ରାଇସୁଆଁଠାରୁ କୁସୁମିତା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଛି । କୁସୁମିତା ଗ୍ରାମରେ ଏକ ପ୍ରମୋଦ ଉଦ୍ୟାନର ନିର୍ମାଣ କାର୍ଯ୍ୟ ଚାଲିଥିବା ସହ କୁସୁମିତାଠାରେ ମୋବାଇଲ୍ ନେଟ୍‌ୱାର୍କ ବ୍ୟବସ୍ଥା ଅତିଶୀଘ୍ର ଉପଲବ୍ଧ ହେବ । କୁସୁମିତା ଗ୍ରାମର ସାମଗ୍ରିକ ବିକାଶ କରାଯାଇ ଏକ ଆଦର୍ଶ ଗ୍ରାମରେ ପରିଣତ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ବିପ୍ଳବୀ ଧରଣୀଧରଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ଏହି ସମାରୋହରେ ଭୂୟାଁ ସାଂସ୍କୃତିକ ସଂଗଠନ କେନ୍ଦୁଝରର ସଭାପତି ହରିଶଙ୍କର ନାଏକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସାଧାରଣ ସଂପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ଉପସ୍ଥାପନ କରିଥିଲେ । ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହ ସମାରୋହର ସଂଚାଳନା କରିଥିଲେ । ପି.ଏ.,ଆଇ.ଟି.ଡି.ଏ.,କେନ୍ଦୁଝର ତପନ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଡି.ଏଫ୍.ଓ.ଧନରାଜଏଚ୍.ଡି.,ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍,କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ,ଭୂୟାଁ ସର୍ଦ୍ଦାର କୁଞ୍ଜ ଦେହୁରୀ,ଧରଣୀଧର ଆଂଚଳିକ ବିକାଶ ସମିତିର ସଭାପତି ନିଶାକର ନାଏକ ଏବଂ ବିପ୍ଳବୀ ଧରଣୀଧରଙ୍କ ଦାୟାଦ ଭୂୟାଁ ସର୍ଦ୍ଦାର କଳାକାର ନାଏକ ମଂଚାସୀନ ଥିଲେ । ଧରଣୀଧରଙ୍କ ଜୀବନାଦର୍ଶର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଂଶପାଳ କୁଶକଳା ଗ୍ରାମର ସ୍ୱର୍ଗତ ଅନ୍ଧାରୁ ପ୍ରଧାନଙ୍କୁ ମରଣତୋର "ଧରଣୀଧର ସମ୍ମାନ"ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ପ୍ରଧାନଙ୍କ ଧର୍ମପତ୍ନୀ ଶ୍ରୀମତୀ ଅପର୍ଣ୍ଣା ନାଏକ ଏହି ସମ୍ମାନ ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା/ଉତ୍କର୍ଷତା ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତି ବିଶେଷ,ଅନୁଷ୍ଠାନ,ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୨ ମସିହା ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାରେ କେନ୍ଦୁଝର ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜନଜାତି ବର୍ଗର ଛାତ୍ରଛାତ୍ରୀ,ଭୂୟାଁ ବର୍ଗର ଛାତ୍ରଛାତ୍ରୀ,+୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ,୫ଜଣ ଅଗ୍ରଣୀ ଚାଷୀ,ଜଣେ ଉଦ୍ୟୋଗୀ,୦୬ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ,ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ,ଡି.ପି.ଏମ୍. ମିଶନ ଶକ୍ତି ଶିଶିର ଷଡଙ୍ଗୀ,ଭୂୟାଁ ସାଂସ୍କୃତିକ ସଂଗଠନର କର୍ମକର୍ତାଏବଂଧରଣୀଧର ଆଂଚଳିକ ବିକାଶ ପରିଷଦ,କୁସୁମିତାର କର୍ମକର୍ତା ସମାରୋହ ଆୟୋଜନଓପରିଚାଳନାରେ ସହଯୋଗ କରିଥିଲେ । ଏହିଅବସରରେ ରାଇସୁଆଁ-କୁସୁମିତା ପୂର୍ତବିଭାଗ ରାସ୍ତାକୁ "ବିପ୍ଳବୀ ଧରଣୀଧର ମାର୍ଗ"ନାମରେ ନାମିତ କରାଯାଇଥିଲା ।


## OFFICE OF THE MUNICIPAL COUNCIL, TALCHER

Phone No. (06760)240259 E-mail ID : e.o.talcher@gmail

**No.1056/dt 04.5.23**

**SHORT TENDER CALL NOTICE**

Sealed Tenders are invited in percentage rate bid system conformity with detail tender call notice to the following works from the registered contractors of Talcher Municipality. The Tender Paper sale & receipt will be during the office hour on payment of paper cost (non-refundable) as indicated against each work from dt. 06.5.23 to dt. 16.05.23 upto 11:00 AM and will be opened same day at 12:00 PM in the presence of tenderer of their authorized agent. Money Receipt of Tender Paper Cost shall be attached with the tender paper, failing which the tender shall not be taken into consideration. The copy of UpToDate contractor incense, GSTIN certificate or affidavit, ITCC must be submitted with the tender paper and the original should be produced at the time of opening the tender paper. The tenders are requested to drop the sealed tender document in the tender box available in the office chamber of the Executive Officer, Talcher Municipality. The receipt of tender document beyond the schedule date of time / postal delay will not entertained.

The authority reserves the right to reject any or all the tenders without any reason thereof.

| Sl. No. | Name of the work | Estimated Cost (Rs.) | Cost of T.P. | Class of Contractor | Period of Completion |
|---|---|---|---|---|---|
| 1 | Repair of AWC class room at Paika Sahi, in W.No.-13 | 1,00,000 /- | 600 /- | Municipal Contractor | One Calendar Month |
| 2 | Renovation of Store Room Garage in front of Municipal Office Building in W.No.- 05. | 1,92,000 /- | 600 /- | Municipal Contractor | One Calendar Month |
| 3 | Renovation of CC Drain from Lingaraj Nanda House to Krushna Bhutia house in W.No.- 06. | 92,000 /- | 400 /- | Municipal Contractor | One Calendar Month |
| 4 | Construction of Paver Block Road around Mahila Karmasala CC & Modern Art Painting in W.No.- 09. | 1,97,500 /- | 600 /- | Municipal Contractor | One Calendar Month |

Executive Officer
Talcher Municipality



MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

